### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରଚାର ପାଇଁ ନିଆରା ପ୍ରୟାସ

# ଶଙ୍ଖ, ହୁଳହୁଳି ଓ ସଂକୀର୍ତ୍ତନରେ କମ୍ପିଲା ଜାରକା ଷ୍ଟାଡିୟମ





**ମୃଦଙ୍ଗ ଓ କଂସାଳ ଧରି ସାମିଲ ହେଲେ ବିଧାୟକ**

**ଧର୍ମଶାଳା, ୧୬।୧(ସମିସ):**

ଶଙ୍ଖ, ହୁଳହୁଳି ଓ ନାମ ସଂକୀର୍ତ୍ତନରେ ଉତ୍ସବ ମୁଖର ହୋଇ ପଡ଼ିଥିଲା ଜାରକା ଷ୍ଟାଡିୟମ। ଅପରାହ୍ନରେ ଲୋକାରଣ୍ୟ ହୋଇପଡ଼ିଥିଲା ପଡ଼ିଆ। ସଂକୀର୍ତ୍ତନ ଦଳରେ ମହିଳାମାନେ ଧଳାଶାଢ଼ୀ ଓ ପୁରୁଷମାନେ ରଙ୍ଗ ବେରଙ୍ଗର କୁର୍ତ୍ତା ପରିଧାନ କରି ହାତରେ ମୃଦଙ୍ଗ ଓ କଂସାଳ ଧରି ଜଗନ୍ନାଥଙ୍କ ଭଜନର ତାଳେ ତାଳେ ନାଚି ଉଠିଥିଲେ। କିଛି ଘଣ୍ଟା ପାଇଁ ସତେ ଯେମିତି ଜଗନ୍ନାଥଙ୍କ ଭକ୍ତି ଭାବରେ ସମସ୍ତେ ଏକାକାର ହୋଇଯାଇଥିଲେ। ସମ୍ପ୍ରତି ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକର୍ପଣ ଅବସରରେ ଗତ ୬ ତାରିଖ ଠାରୁ ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ଅକ୍ଷତ ଓ ଗୁଆ ସଂଗ୍ରହ କାର୍ଯ୍ୟକ୍ରମ ଶେଷ ହୋଇଛି। ଗାଁ ଗଣ୍ଡାରେ ସଂକୀର୍ତ୍ତନ କରି ଶ୍ରୀ ଜଗନ୍ନାଥ ରଥ ପରିକ୍ରମା କରିଥିବା ସଂକୀର୍ତ୍ତନ ମଣ୍ଡଳୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ଲକ୍ଷ୍ୟରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ନିର୍ଦ୍ଦେଶମତେ ସଂକୀର୍ତ୍ତନ ସମାବେଶ କରିଥିଲା ପ୍ରଶାସନ। ଏହି କ୍ରମରେ ଆଜି ଷ୍ଟାଡିୟମ ପରିସରରେ ନିର୍ବାଚନମଣ୍ଡଳୀର ୫୪ଗୋଟି ପଞ୍ଚାୟତର ୨ଶହରୁ ଅଧିକ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଜୟ ଜଗନ୍ନାଥ ଧ୍ୱନୀ ସହ ନୃତ୍ୟ ଓ ସଂକୀର୍ତ୍ତନରେ କମ୍ପି ଉଠିଥିଲା ଷ୍ଟାଡିୟମ। ଧର୍ମଶାଳା ପଞ୍ଚାୟତ ସମିତି ପକ୍ଷରୁ ଏହି ଭବ୍ୟ ଆୟୋଜନ କରାଯାଇଥିବା ବେଳେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉପସ୍ଥିତ ରହି ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟଙ୍କୁ ଉତ୍ସାହିତ କରିବା ସହ ନିଜେ ମୃଦଙ୍ଗ ଓ କଂସାଳ ଧରି ସେମାନଙ୍କ ସହ ସାମିଲ ହୋଇଥିଲେ। ଧର୍ମଶାଳା ବିଡ଼ିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, କୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଅଧିକାରୀ ଅଶୋକ କୁମାର ବେହୁରିଆ, ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ସମେତ ବହୁ ଜନ ପ୍ରତିନିଧି ସାମିଲ ହୋଇଥିଲେ। ଶ୍ରୀକ୍ଷେତ୍ର ଠାରେ ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ଅବ୍ୟବହିତ ପୂର୍ବରୁ ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିବା ଲକ୍ଷରେ ଏଭଳି ସଙ୍କୀର୍ତ୍ତନ ସମାବେଶର ଅୟୋଜନ କରାଯାଇଛି ବୋଲି ବିଧାୟକ ଶ୍ରୀ ବଳବନ୍ତରାୟ ସୂଚନା ଦେଇଥିଲେ। ଏହି ଅବସରରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା।

# ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ : ଭଦ୍ରକ ଚାମ୍ପିଅନ

**ହରିପୁର, ୧୬।୧(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ହାଇ ସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଏକ ଦିବସୀୟ ରାଜ୍ୟ ସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଇଏସଇପିଏମ ଓ ପ୍ରଗତି କ୍ଲବ ମୁଗପାଳର ମିଳିତ ସହଯୋଗରେ ୧୮ ତମ ରାଜ୍ୟ ସ୍ତରୀୟ ଭଲି ବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ପୁରୀ ଓ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ପୁରୀକୁ ହରାଇ ଚାମ୍ପିୟନ ହେବା ସହ ପୁରୀ ରନର୍ସଅପ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବ କ୍ରିଡା ଶିକ୍ଷକ ଅମରେନ୍ଦ୍ର ସାହୁ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ବିକାଶ ଦାସ, ଶିକ୍ଷକ ଭରତ ଚନ୍ଦ୍ର ନାୟକ, କ୍ରିଡା ଭାଷ୍ୟକାର ନାରାୟଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ କୃତି ଦଳଙ୍କୁ ପୁରସ୍କାର ବିତରଣ କରିଥିଲେ। ସୂଚନା ଥାଉକି ଏହି ଏକ ଦିବସୀୟ ମ୍ୟାଚକୁ ସ୍ଥାନୀୟ ସରପଞ୍ଚ ପ୍ରଜ୍ଞା ପରମିତା ମଲ୍ଲିକ ଓ ସମିତି ସଭ୍ୟ ନରୋତ୍ତମ ସାହୁ ଅତିଥି ରୂପେ ଯୋଗ ଦେଇ ଉଦ୍ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଶିକ୍ଷାବିତ ଜିତେନ୍ଦ୍ର କୁମାର କର ସଭାପତିତ୍ୱ କରିଥିଲେ।

# ମଦ୍ୟପ ସ୍ୱାମୀ ମାଡରେ ସ୍ତ୍ରୀ ମୃତ; ସ୍ୱାମୀ ଥାନାରେ ଅଟକ

**ସୁକିନ୍ଦା୧୬।୧(ସମିସ):** ସୁକିନ୍ଦା ଥାନା ଅଞ୍ଚଳରେ ଜଣେ ମଦ୍ୟପ ସ୍ୱାମୀ ମାଡରେ ସ୍ତ୍ରୀର ମୃତ୍ୟୁ ଘଟିଛି। ବନ୍ଧଗାଁ ପଞ୍ଚାୟତ ଅଧୀନ ଉପରକୋଇଲ ଗ୍ରାମରେ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ହଳଧର ପ୍ରଧାନଙ୍କ ପୁଅ ବିଜୁ ପ୍ରଧାନ(୫୦) ସୋମବାର ବିଳମ୍ବିତ ରାତିରେ ସ୍ତ୍ରୀ ଟୁନି ପ୍ରଧାନକୁ ଆକ୍ରମଣ କରିଥିଲା। ଟୁନିଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।ସୋମବାର ରାତିରେ ସ୍ଥାନୀୟ ଅଞ୍ଚଳରେ ହେଉଥିବା ମକର ମେଳାରୁ ବିଜୁ ଅତ୍ୟଧିକ ମଦ୍ୟପାନ କରି ଫେରିବା ପରେ ଏହି ଘଟଣା ଘଟିଛି। ମଙ୍ଗଳବାର ସକାଳୁ ଖବର ପାଇ ସୁକିନ୍ଦା ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ସ୍ୱାମୀ ବିଜୁ ପ୍ରଧାନକୁ ଗିରଫ କରି ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ସୁକିନ୍ଦା ପୁଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ମାରପିଟ୍ ସମୟରେ ଟୁନିର ମୃତ୍ୟୁ ଘଟିଥିବା ସ୍ୱାମୀ ବିଜୁ ଥାନାରେ ସ୍ୱୀକାର କରିଥିବା ଜଣାପଡ଼ିଛି।

### ବରୁଣେଶ୍ୱର ମହୋତ୍ସବ ଉଦ୍‌ଘାଟିତ

# 'ମହୋତ୍ସବ ସମ୍ପର୍କର ସେତୁ ସ୍ଥାପନ କରେ'





**ବିଞ୍ଝାରପୁର, ୧୬।୧(ସମିସ):** ମହୋତ୍ସବ ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିବା ସହିତ ସମ୍ପର୍କର ସେତୁ ସ୍ଥାପନ କରିବାରେ ସହାୟକ ହୋଇଥାଏ। ଏଥିସହିତ ବିଞ୍ଝାରପୁର ବ୍ଲକର ମହାନ ତ୍ୟାଗିମାନଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ସହିତ ଜିଲ୍ଲାର ଗାରିମା ବୃଦ୍ଧି କରିଥାଏ ବୋଲି ପ୍ରଥମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଜିର ବୈଠକରେ ୨୬ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ନନ୍ଦ କିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ପ୍ରମିଳା ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଲୋକ ସଭା ସାଂସଦ ଶର୍ମିଷ୍ଠା ସେଠୀ, ସମ୍ମାନିତ ଅତିଥିଭାବେ କୋରେଇ ବିଧାୟକ ଅଶୋକ ବଳ, ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବରୀ ବିଧାୟିକା ସୁନନ୍ଦା ଦାସ, ରାଜ୍ୟ ସଭା ସାଂସଦ ସୁଲତା ଦେଓ, ମହୋତ୍ସବର ସଭାପତି ରବୀନ୍ଦ୍ର କୁମାର ପରିଡ଼ା, ବିଞ୍ଝାରପୁର ବ୍ଲକ ଅଧକ୍ଷା ଶ୍ରୀମତୀ ରିତା କୁମାରୀ ଦାସ, ଉପାଧକ୍ଷା ସେକ ଇର୍ସାଦ ଅଲ୍ଲୀ, ଅରେଇ ସରପଞ୍ଚ ସ୍ମୃତି ସମିକ୍ଷା ମଳିକ, ସମିତି ସଭ୍ୟା ଲଭଲିରାଣୀ ନାୟକ, ଜିଲା ପରିଷଦ ସଭ୍ୟା ସୁନିତା ସାମଲ, ଅହଲ୍ୟା ସ୍ୱାଇଁ, ପୂର୍ବତନ ଅଧକ୍ଷ ଇଂ ସୁଶାନ୍ତ ମିଶ୍ର, ଖଗେଶ୍ୱର ମହାନ୍ତି ପ୍ରମୁଖ ଯୋଗ ଦେଇ ମହୋତ୍ସବ ସ୍ଥାନୀୟ ଅଞ୍ଚଳରେ ଭାଇଚାରା ସୃଷ୍ଟି କରେ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଦସ୍ୟା ନିନାରାଣୀ ସାମିଲ, ଚିକଣା ସରପଞ୍ଚ ପାର୍ବତୀ ମଳିକ, ବରପଦା ପଞ୍ଚାୟତର ସରପଞ୍ଚ ହରପ୍ରିୟା ମଳିକ, ଘଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ, ରାଧାକାନ୍ତ ନାୟକ, ଶିବ ପ୍ରଧାନ, ପର୍ଶୁରାମ କବି, ଧ୍ରୁବ ଚରଣ ସେଠି ପ୍ରମୁଖ ସହଯୋଗ କରିଥିଲେ।

# ଅମରାବତୀ ମହୋତ୍ସବ ଉଦ୍‌ଘାଟିତ



**ଛତିଆ ୧୬।୧(ସମିସ ):** ବଡଚଣା ବ୍ଲକ ଅନ୍ତର୍ଗତ ଛତିଆ ଠାରେ ଅବସ୍ଥିତ ମାଳିକା ପ୍ରସିଦ୍ଧ ଐତିହାସିକ ଅମରାବତୀ କଟକ ପରିସରରେ ମଙ୍ଗଳବାର ସନ୍ଧ୍ୟା ରେ ପ୍ରଥମ ଅମରାବତୀ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହୋତ୍ସବ କମିଟି ର ସମ୍ପାଦକ ବାସୁଦେବ ସ୍ୱାଇଁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗ ଦେଇ ଅନୁଷ୍ଠାନିକ ଭାବେ ଉଦଘାଟନ କରି ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମହୋତ୍ସବ କମିଟିର ସଭାପତି ପ୍ରତାପ ସାହୁ. ସୋଲର ସରପଞ୍ଚ ବିଜୟ କୁମାର ସ୍ୱାଇଁ. ସମିତ ସଭ୍ୟ ସୟ ବେହେରା. ସାମାଜିକ କର୍ମୀ ମାଧବା ନନ୍ଦ ମହାପାତ୍ର. ଭ୍ରମର ବିଶ୍ୱାଳ. ପରମାନନ୍ଦ ବିଶ୍ୱାଳ. ସନ୍ତୋଷ ମହାନ୍ତି. ରମେଶ ବିଶ୍ୱାଳ. ଅମରେଶ ନନ୍ଦ. ବିପିନ ବିଶ୍ୱାଳ. କମଳାକାନ୍ତ ସ୍ୱାଇଁ. ପ୍ରମୁଖ ଉପସ୍ଥିତ ରହିଥିଲେ। ଉକ୍ତ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଉଦୟମାନ କଳା ପରିଷଦ ର କଳାକାର ମାନଙ୍କ ଦ୍ୱାରା ପରିବେଷିତ ପାରମ୍ପରିକ ଓଡିଶୀ ନୃତ୍ୟ ଓ ଆଦିବାସୀ ନୃତ୍ୟକୁ ଉପସ୍ଥିତ ଦର୍ଶକ ଉପଭୋଗ କରିଥିଲେ। ମହୋତ୍ସବ ପଡ଼ିଆରେ ବିଭିନ୍ନ ପ୍ରକାର ଦୋକାନ ସହ ଦୋଳି ର ମଜା ନେଇଥିଲେ ଦର୍ଶକ।

# ଜାରକା ଜଳସେଚନ ଡିଭିଜନ ପକ୍ଷରୁ ପାଣି ପଞ୍ଚାୟତପକ୍ଷ ପାଳିତ

**ଧର୍ମଶାଳା, ୧୬। ୧ (ସମିସ):** ଧର୍ମଶାଳା ବ୍ଲକ କାଏମାସ୍ଥିତ ଜଳସେଚନ କାର୍ଯ୍ୟାଳୟ ପରିସରରେ ଆଜି ଜାରକା ଜଳ ସେଚନ ଡିଭିଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଜାରକା ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କାମଦେବ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚଣ୍ଡିଖୋଲ ଜଳସେଚନ ବିଭାଗ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଶରତ କୁମାର ଦାସ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ଅତିଥି ଭାବେ ଯାଜପୁର କୃଷି ବୈଜ୍ଞାନିକ ସୁବୋଧ କୁମାର ପାଣିଗ୍ରାହୀ, ଧର୍ମଶାଳା ବ୍ଲକ କୃଷି ଅଧିକାରୀ ଆଶିଷ କୁମାର ବେହେରା, ବଡଚଣା ବ୍ଲକ କୃଷି ଅଧିକାରୀ ଲୋକନାଥ ମିଶ୍ର, କାଡା କେନାଲ ଅଧିକାରୀ ସୂର୍ଯ୍ୟକାନ୍ତ ଚରଣ ସିଂ ପ୍ରମୁଖ ଯୋଗଦେଇ ଚାଷ ଜମିକୁ ଜଳ ଯୋଗାଣରେ ପାଣିପଞ୍ଚାୟତର ଭୁମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାଡା କେନାଲ ମରାମତି ଅଭାବ ଓ କେନାଲରେ ଆବଶ୍ୟକ ପାଣି ଆସୁନଥିବାରୁ ବିଲର ଶେଷ ଭାଗ ପର୍ଯ୍ୟନ୍ତ ଜଳସେଚିତ ହୋଇ ପାରୁନାହିଁ ବୋଲି ପାଣି ପଞ୍ଚାୟତ ପକ୍ଷରୁ ଚାଷୀ ଦୁଃଶାସନ ସାହୁ, ବଟକୃଷ୍ଣ ରାଉତ ଓ ବିନ୍ଦୁରେଖା ପୃଷ୍ଟି ଅଭିଯୋଗ କରିଥିଲେ। ଇଂ ଇତିଶ୍ରୀ ସାହୁ ପାଣି ସଂରକ୍ଷଣ ଉପରେ ଶପଥପାଠ କରାଇଥିଲା ବେଳେ ଚଣ୍ଡିଖୋଲ ସହକାରୀ ଯନ୍ତ୍ରୀ ଭାଗବତ ବେହେରା ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। କୃଷକରତ୍ନ ନୀଳକଣ୍ଠ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାଏମା ଜଳସେଚନ ସହକାରୀ ଯନ୍ତ୍ରୀ ଚକ୍ରଧର ଜେନା ମଞ୍ଚ ପରିଚାଳନା କରିଥିଲେ। ପୂର୍ବରୁ ଡିଭିଜନ ପକ୍ଷରୁ ହାଇସ୍କୁଲସ୍ତରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ରଚନା, ବିତର୍କ, କୁଇଜ, ଚିତ୍ରାଙ୍କନ, ପ୍ରଦର୍ଶନୀ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



# ସୁକିନ୍ଦାରେ ପାଣି ପଞ୍ଚାୟତ ପକ୍ଷ ପାଳିତ



**ସୁକିନ୍ଦା୧୬।୧(ସମିସ):** ଜଳସମ୍ପଦ ବିଭାଗ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିନ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରିତୀରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜାନୁୟାରୀ ୧୬ରୁ ୩୧ତାରିଖ ପର୍ଯ୍ୟନ୍ତ ଏହି ପକ୍ଷ ଜାରୀ ରହିବ। କେନାଲ ଜଳକୁ ପାଣି ପଞ୍ଚାୟତ ମାଧ୍ୟମରେ ଗଣତାନ୍ତ୍ରିକ ପଦ୍ଧତିରେ ଚାଷୀମାନଙ୍କ ଦ୍ୱାରା ସୁଷମ ବଣ୍ଟନ ଓ ଏହାର ବିବାଦ ଉପରେ ଶପଥ ପାଠ କରାଯାଇଥିଲା।ଚାଷୀ ଭାଇ ମାନଙ୍କ ମଧ୍ୟରେ ସୁସମ୍ପର୍କ, ସମସ୍ତ ଚାଷ ଜମିକୁ ଆବଶ୍ୟକୀୟ ଜଳସେଚନ ବ୍ୟବସ୍ଥା କରାଇବା ଏହି ସମାରୋହର ମୂଳ ଲକ୍ଷ୍ୟ ବୋଲି ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବାବୁଲା କୁମାର ବେହେରା ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସୁକିନ୍ଦା ବିଡିଓ ନମ୍ରତା ମୋଦି, ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲାପରିଷଦ ସଭ୍ୟ ପ୍ରତାପ କେଶରୀ ପଟ୍ଟନାୟକ, ସରପଞ୍ଚ ସ୍ୱାଧୀନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୁକିନ୍ଦା ସମାରୋହରେ ମୋଟ ୩୫ଟି ଗ୍ରାମର ୪୮୦୦ହେକ୍ଟର ଚାଷ ଜମିକୁ ଜଳସେଚନ ହୋଇପାରିବ ବୋଲି ଜଣାପଡ଼ିଛି। ଜଳସମ୍ପଦ ବିଭାଗ ପକ୍ଷରୁ ମୁଖ୍ୟ ଯନ୍ତ୍ରୀ ଶ୍ୱେତକୁମାର ଜାଲି, ଅର୍ଥ ପରାମର୍ଶଦାତା ଜାଇକା ଆଲୋକ ରଞ୍ଜନ ବେହେରା, ଏଗ୍ରି ପି ଆଇ ଏମ୍ ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**● ସୁନାଗହଣା ଲୁଟ୍ ଘଟଣା**

# ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ

**ଟମକା, ୧୬।୧(ସମିସ)** ଟମକା ଥାନା କିଆଝର ପଞ୍ଚାୟତ ଅନ୍ତର୍ଗତ କାଠଚଟି ଗ୍ରାମରେ ରବିବାର ଦିନ ଦ୍ୱୀପ୍ରହରେ ନାରାୟଣ ମୁଦୁଲିଙ୍କ ଘରୁ ହୋଇଥିବା ୧୦ଲକ୍ଷ ଟଙ୍କାର ସୁନା ଗହଣା ଲୁଟ୍‌ର ତଦନ୍ତ କରିଛି ଜିଲ୍ଲା ସାଇଣ୍ଟିଫିକ୍ ଟିମ୍। ଅପରାହ୍ନରେ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ଫହଚି ସନ୍ଧାନୀ କୁକୁର ସାହାର୍ଯ୍ୟରେ ତଦନ୍ତ ଆରମ୍ଭ କରିଥିଲା। ଅଧିକାରୀ କୁକୁରକୁ ଫିଡିଂ ଦେବାପରେ କୁକୁରୁଟି ପ୍ରଥମେ ଶ୍ରୀ ମୁଦୁଲିଙ୍କ ବାଡିରେ ବୁଲିବା ସହ ଚୋରି ହୋଇଥିବା ଘରେ ପଶି ମୁଖ୍ୟରାସ୍ତାରୁ କାଠଚଟି ଗ୍ରାମକୁ ପଡ଼ିଥିବା ରାସ୍ତା ପର୍ଯ୍ୟନ୍ତ ଦୌଡି ଯାଇ କୌଣସି ସନ୍ଧାନ ନପାଇ ଫେରି ଆସିଥିଲା। ସାଇଣ୍ଟିଫିକ୍ ଅଧିକାରୀ ବିଭିନ୍ନ ଦିଗକୁ ନେଇ ତନ୍ନ ତନ୍ନ କରି ତଦନ୍ତ କରିବା ପରେ ଫେରି ଯାଇଥିଲେ। ଏହି ଅବସରରେ ଥାନା ଅଧିକାରୀ ଶଙ୍କର୍ଷଣ ମୁଦୁଲି ଉପସ୍ଥିତ ରହିଥିଲେ। ଏଠାରେ ପ୍ରକାଶ ଯେ ଶ୍ରୀ ମୁଦୁଲି ନିଜ ଘରେ ତାଲା ପକାଇ ନିକଟସ୍ଥ ଖଣ୍ଡୁରାଇ ମନ୍ଦିରକୁ ମକର ମେଳା ବୁଲି ଯାଇଥିବା ବେଳେ କେହି ଦୁର୍ବୃତ୍ତ ଘର ତାଲା ଭାଙ୍ଗି ଡ୍ରେସିଙ୍ଗ୍ ଟେବୁଲ ଲକରରେ ଥିବା ପାଖାପାଖି ୧୦ଲକ୍ଷ ଟଙ୍କାର ସୁନା ଗହଣା ଲୁଟି ନେଇଥିଲେ।

# ଯୁବକଙ୍କ ସନ୍ଦେହ ଜଣକ ମୃତ୍ୟୁ

**ଦାନଗଦି, ୧୬।୧(ସମିସ):** ଦାନଗଦି ଫାଣ୍ଡି ନିକଟସ୍ତ ସୋଲେଇ ଗାଁରେ ଆଜି ସକାଳୁ ଜଣେ ଯୁବକଙ୍କ ସନ୍ଦେହଜଣକ ଭାବେ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଲଳା ମୁଣ୍ଡା ଙ୍କ ପୁଅ ପାଣ୍ଡୁ (୨୩)। ପାଣ୍ଡୁ ଗତକାଲି ରାତିରେ ରାତ୍ରି ଭୋଜନ ସାରି ଘରେ ଶୋଇଥିଲା। ସକାଳୁ ଯେତେ ଡାକିଲେ ବି ଶୁଣି ନଥିଲା। ଫଳରେ ପରିବାର ଲୋକେ ଭୟଭୀତ ହୋଇ ୧୦୮ ଯୋଗେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦାନଗଦି ଫାଣ୍ଡି ପୁଲିସ ଦାନଗଦି ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣା ପଡ଼ିବ ବୋଲି ପୁଲିସ କହିଛି।

# ଜଖପୁରାରେ ହେବ ଅତ୍ୟାଧୁନିକ ଇନ୍‌ଡୋର ଷ୍ଟାଡିୟମ

### ୪୨ କୋଟି ଟଙ୍କା ବ୍ୟୟରେ ସ୍ପୋର୍ଟସ କମ୍ପ୍ଲେକ୍ସ ଓ ଶିଶୁଯତ୍ନ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ

**ଯଖପୁରା/ଦାନଗଦି, ୧୬।୧(ସମିସ):**

କଳିଙ୍ଗନଗର ଶିଳ୍ପାଞ୍ଚଳ ଯଖପୁରା ଠାରେ ୪୨ କୋଟି ଟଙ୍କା ବ୍ୟୟ ଅଟକଳରେ ୩୦ ଏକର ଜମିରେରେ ନିର୍ମାଣ ହେବାକୁଥିବା କଳିଙ୍ଗନଗର ସ୍ପୋର୍ଟସ କମ୍ପେ୍ଲକ୍ସ ଓ ଶିଶୁଯତ୍ନ ପ୍ରତିଷ୍ଠାନ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଗ୍ରାମ୍ୟ ଉନ୍ନୟନ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଙ୍କ ପ୍ରିତିରଞ୍ଜନ ଘଡ଼ାଇ। ଏହି ନୂତନ ସ୍ପୋର୍ଟସ କମ୍ପେ୍ଲକ୍ସରେ ସ୍ଥାନୀୟ ଶିଳ୍ପାଞ୍ଚଳର ଯୁବକ ଯୁବତୀମାନଙ୍କୁ ଉନ୍ନତ ମାନର ଟ୍ରେନିଂ ପ୍ରଦାନ ହେବ। ସୁକିନ୍ଦା-ଦାନଗଦୀ ସହ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ରହୁଥିବା ଖେଳାଳିଙ୍କ ପ୍ରତିଭା ବିକାଶରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ।

ଏଠାରେ ଫୁଟବଲ, କ୍ରିକେଟ୍ ଏବଂ ବିଭିନ୍ନ ପ୍ରକାର ଇନ୍‌ଡୋର ଗେମ୍ ଖେଳାଯିବ। ଶ୍ରୀ ଘଡ଼ାଇ କହିଥିଲେ ଶିଳ୍ପାଞ୍ଚଳର ସର୍ବବୃହତ ଇଣ୍ଡୋର ଷ୍ଟାଡିୟମ ହେବ ଏହି ଷ୍ଟାଡିୟମ, ଶିଳ୍ପର ବିକାଶ ସହ ଯୁବକମାନଙ୍କୁ ସୁସ୍ଥ ରଖିବା ପାଇଁ ଏଭଳି ଏକ ଅତ୍ୟାଧୁନିକ ଷ୍ଟାଡିୟମ ର ଆବଶ୍ୟକତା ଥିଲା, ସରକାରଙ୍କ ଡି ଏମ ଏଫ୍ ଫଣ୍ଡ ରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ଏଥିସହିତ ୧୦ କୋଟି ଟଙ୍କା ବ୍ୟୟରେ ଏକ ନୂତନ ଶିଶୁ ଯତ୍ନ ଗୃହ ନିର୍ମାଣ କରାଯିବ ଯାହାକି ୧୦୦ ଜଣ ଅନାଥ ଶିଶୁ ଏଠାରେ ରହିପାରିବେ ବୋଲି ମନ୍ତ୍ରୀ ଶ୍ରୀ ଘଡ଼ାଇ ତାଙ୍କ ବକ୍ତବ୍ୟ କହିଥିଲେ। ୨୪ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ମନ୍ତ୍ରୀ ଶ୍ରୀ ଘଡ଼ାଇ କହିଛନ୍ତି।

ଏହି ଉପଲକ୍ଷେ ଆଜି ଯଖପୁରା ଗାଁ ନିକଟରୁ ଏକ ବିଶାଳ ପଦ ଶୋଭାଯାତ୍ରା ରେ ୨ ହଜାରରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ- ଯୁବକ ଓ ଯୁବତୀ ବାଜା ବାଣ ସହ ମନ୍ତ୍ରୀ ଘଡ଼ାଇଙ୍କୁ ସଭା ନିକଟକୁ ପାଛୋଟି ନେଇଥିଲେ। ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଦାନଗଦୀ ବ୍ଲକ ଅଧକ୍ଷା ଅର୍ଚ୍ଚନା ଦାସ, ଉପଧକ୍ଷ ଅଜୟ କୁମାର ବିନ୍ଧାଣୀ, ମନ୍ତ୍ରୀ ଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ଜିଲ୍ଲାପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ଦାନଗଦୀ ବ୍ଲକ ବିଜେଡ଼ି ସଭାପତି ଦିଲ୍ଲୀପ କୁମାର ନାୟକ, ଜଖପୁରା ସରପଞ୍ଚ ଅରୁଣ ଜ୍ୟୋତି ସାମଲ, ପ୍ରସନ୍ନଜିତ୍ ନାୟକ, ପଞ୍ଚାୟତ ସଭାପତି କୈଳାସ ଜେନା ପ୍ରମୁଖ ମଞ୍ଚାସିନ ଥିଲେ।






### ଶ୍ରୀମନ୍ଦିର ପ୍ରକଳ୍ପ ପରିକ୍ରମା ଅବସରରେ

# ନଗର ଶୋଭାଯାତ୍ରାରେ ସାମିଲ ହେଲା ରଥ





ଭଦ୍ରକ, ୧୬ ।୧(ସମିସ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲାଗି ଭଦ୍ରକ ସହରରେ ଆଜି ଏକ ସୁସଜ୍ଜିତ ରଥରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଦେବ ଓ ସୁଭଦ୍ରାଙ୍କୁ ରଥାରୂଢ଼ା କରାଯାଇ ଏବ ବିଶାଳ ନଗର ଶୋଭାଯାତ୍ରାରେ ପରିକ୍ରମା କରାଯାଇଥିଲା । ଆଜି ପୂର୍ବାହ୍ନ ୧୦ଟାରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ମହାପ୍ରଭୁଙ୍କ ଏହି ସୁସଜ୍ଜିତ ରଥର ଶୁଭାରମ୍ଭ ହୋଇଥିଲା । ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଏହାର ଶୁଭାରମ୍ଭ କରିଥିଲେ । ଭଦ୍ରକ ନିର୍ବାଚନ ମଣ୍ଡଳୀର ୩୬ ପଞ୍ଚାୟତ ଓ ପୌରାଞ୍ଚଳର ୩୦ଟି ୱାର୍ଡରୁ ହଜର ହଜାର ମହିଳା, ପୁରୁଷ ଶ୍ରଦ୍ଧାଳୁଙ୍କ ସମବେତ ହୋଇଥିଲେ । ଭଜନ, କୀର୍ତ୍ତନର ତାଳେ ତାଳେ ଭାବବିହ୍ୱୋଳ ହୋଇ ଶ୍ରଦ୍ଧାଳୁମାନେ ନୃତ୍ୟ କରିଥିବା ବେଳେ ଖୋଦ ସାଂସଦ ଓ ବିଧାୟକ ପ୍ରମୁଖ ନିଜେ କରତାଳ ବଜାଇ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ । ହଜାର ହଜାର ମହିଳା, ପୁରୁଷ ଓ ଯୁବ ଶ୍ରଦ୍ଧାଳୁମାନେ ରଥ ସହ ସହର ପରିକ୍ରମା କରି ସାଳନ୍ଦୀ ବାଇପାସ୍ ରାସ୍ତା ଦେଇ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ । ଅର୍ପଣ ରଥରୁ ସଂଗୃହୀତ ଭକ୍ତମାନଙ୍କ ଚାଉଳ, ଗୁଆ ଓ ନଡ଼ିଆ ଆଦି ଉକ୍ତ ମନ୍ଦିରରେ ଜମା ରଖାଯାଇଥିଲା । ପରେ ସେଗୁଡିକ ପୁରୀକୁ ସ୍ୱତନ୍ତ୍ର ଗାଡ଼ିରେ ପଠାଯାଇଥିଲା । ଆଜିର ଏହି ବିଶାଳ ନଗର ଶୋଭଯାତ୍ରାରେ ପ୍ରାୟ ୧୦ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାମଗ ହୋଇଥିଲା । ଏଥିରେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ବିଡିଓ ସୀତାକାନ୍ତ ରାଉତ ଓ ପୌରନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ବରିଷ୍ଠନେତା ପ୍ରଦୀପ କୁମାର ମଲ୍ଲିକ, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଭଦ୍ରକ ପୌର ଉପାଧ୍ୟକ୍ଷା ଅଞ୍ଜୁବାଳା ଜେନା, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ସମାଜସେବୀ ଶିଶିର ମିଶ୍ର, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରବୀର ଜେନା ଓ ପ୍ରଣବ ଦାସ, ଯୁବନେତା ଇଲୁ ନାୟକ, କାଉନସିଲର ଦିଲିପ ନାୟକ, ଆଶୀଷ ଅମିତାଭ ମହାପାତ୍ର, ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ରାକେଶ ପଣ୍ଡା, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଦେବୀଦତ୍ତା ମହାନ୍ତି, ଟାଉନ ମହିଳା ବିଜେଡି ସଭାନେତ୍ରୀ ଦେବହୁତି ମହାପାତ୍ର, ଜିଲ୍ଲା ମହିଳା ବିଜେଡି ଉପ ସଭାପତି ରାଜଲକ୍ଷ୍ମୀ ମହାପାତ୍ର, ମମତା ନାୟକ, ବରିଷ୍ଠନେତା ଯୋଗେନ୍ଦ୍ର ଘଡେଇ, ବିଜେଡି ନେତା ଶ୍ୟାମସୁନ୍ଦର ନାୟକ, ସୋମନାଥ ସାହୁ, ଯୁବନେତା ସୂର୍ଯ୍ୟକୁମାର ଦାସ, ନଳିନୀ ପଣ୍ଡା, ଜଳେନ୍ଦ୍ର ମହାନ୍ତି, ଅତୁଲ୍ୟ ନାୟକ, ମିଲନ ମହାନ୍ତି, ଦଳିତ ନେତା ରାଗେନ୍ଦ୍ର ଜେନା, ଯୁବନେତା ସତ୍ୟପ୍ରକାଶ ବିଶ୍ୱାଳ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**ଦୋବଲ,୧୬।୧(ସମିସ):** 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ. ବନମାଳୀ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସତ୍ୟପ୍ରକାଶ ସେଠୀ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରିକ ତଥା ନାଟ୍ୟକାର ଶ୍ରୀଯକ୍ତ ଅଟଳ, ସଂସ୍କୃତି ଭାରତୀର ଅଧ୍ୟକ୍ଷ ଇଂ. ଶ୍ରୀକାନ୍ତ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ନୂଆ-ଓ କାର୍ଯ୍ୟକ୍ରମର ନୋଡାଲ ଅଫିସର୍ ମହମ୍ମଦ ଇସ୍ମାଇଲଙ୍କ ଦ୍ୱାରା ଏହି ଅନୁଷ୍ଠିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମର ସଂଯୋଜିକା ଆଧ୍ୟାପିକା ଡ. ବିଶ୍ୱଜିତା ବାରିକ, ଅଧ୍ୟାପକ ଚିନ୍ମୟ ଜେନା, ଅଧ୍ୟାପିକା ଆଦ୍ୟାସା ଦାସ ପ୍ରମୁଖ ମଞ୍ଚ ପରି.ଳନାରେ ସହଯୋଗ କରିଥିଲେ ପ୍ରାରମ୍ଭରେ ସ୍ଥିତିପ୍ରଜ୍ଞା ମିଶ୍ର, ରାଜଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ଓ ବର୍ଷା ପ୍ରିୟଦର୍ଶିନୀ ସେଠୀ, ପ୍ରାଧ୍ୟାପକ ଡ. ସମୀର ହୁଇ, ସନ୍ଦୀପ ଘୋଷ, ଡ. ସାଜିଆ ତମକୀନ ସହଯୋଗ କରିଥିଲେ । ଓଡ଼ିଆ ଭାଷା ସମ୍ମିଳନୀର ସଦସ୍ୟ ଚିନ୍ମୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୮ରେ ଖ୍ୱାଜା ଗରିବ ନୱାଜଙ୍କ ବାର୍ଷିକ ସମାରୋହ

**ଭଦ୍ରକ,୧୬ ।୧(ସମିସ):** ଭଦ୍ରକ ସହରର ପୁରୁଣାବଜାରସ୍ଥିତ ଜାମା ମସଜିଦ ଛକଠାରେ ଖ୍ୱାଜା ଗରିବ ନୱାଜ କମିଟି ଆନୁକୂଲ୍ୟରେ ୪୦ତମ ଖ୍ୱାଜା ଗରିବ ନୱାଜଙ୍କ ବାର୍ଷିକ ସମାରୋହ ଆସନ୍ତା ୧୮ ତାରିଖ ଗୁରୁବାରରେ ଅନୁଷ୍ଠିତ ହେବ । ପ୍ରଥମ ଦିନ ବୁଧବାର ରାତ୍ରି ୮ ଘଟିକାରେ ସର୍ବସାଧାରଣଙ୍କ ପାଇଁ ଲଙ୍ଗର (ଫାତେହା) ର ବ୍ୟବସ୍ଥା କରାଯାଇଛି ଏବଂ ଦ୍ୱିତୀୟ ଦିନ ଗୁରୁବାର ରାତ୍ରି ୮.୩୦ଘଟିକା ସମୟରେ ଖ୍ୱାଜା ଗରିବ ନୱାଜ କନଫେରନ୍ସ (ଧର୍ମସଭା) ଅନୁଷ୍ଠିତ ହେବ । ଜାମା ମସଜିଦର ଏମାମ ସାହେବ ମହମ୍ମଦ ସାଦିକ ହୋସେନ ଓ ସଞ୍ଚାଳକ ଭାବେ ମୁସ୍ତାକ ଗୌହରଙ୍କ ଦ୍ୱାରା ଆରମ୍ଭ ହେବ । ଏହି ଧର୍ମସଭାରେ ମୌଲାନା (ପଣ୍ଡିତ) ସୈୟଦ ଶାହା ହସନ କମଲ ଅସରଫ (ୟୁପି), ସାଏର (କବି) କାଭିସ ରୁଦାଲଭି (ୟୁପି), ସାଏର ସରଫରାଜ ରଯା (ଏହ୍ଲାବାଦ), ସାଏର (କବି) ୱକାର ତାବିସ ଜମାଲି (ବିହାର) ଏବଂ ଅଲିମୁଦ୍ଦିନ ବେକସ (ଅଦବି ମରକଯ) ପ୍ରମୁଖ ଆସି ଯୋଗଦାନ କରି ଖ୍ୱାଜା ଗରିବ ନୱାଜ (ର.ଅ.)ଙ୍କ ନୀତିବାଣି ଉପରେ ଆଲୋକପାତ୍ କରିବେ ବୋଲି କମିଟିର ସଂପାଦକ ଅଲିମୁଦ୍ଦିନ ଖାଁ ପ୍ରେସ ମାଧ୍ୟମରେ ଜଣାଇଛନ୍ତି ଏବଂ କମିଟିର ସଭାପତି ନସରୁ ଖାଁ, ଉପସଭାପତି ସେଖ ଅନୱର, ସହ-ସଂପାଦକ ଅଲି ହୋସେନ, ମିନହାଜ କାଦ୍ରୀ, ସେଖ ନୌସାଦ, ଇସାର ଅଲି, ମିର କାଲିଆ, ସଲିମ ଖାନ, ସେଖ ଇଲୟାସ, ମୁନ୍ନା ଖାଁ, ଏମାମୁଲ ଓ ହକିଲ ପ୍ରମୁଖ ସମାରୋହ ଦାୟିତ୍ୱ ତୁଲାଇବେ ।

## ଆଜି ଭଦ୍ରକ ଆସୁଛନ୍ତି ଅନୁରାଧା ପୌଡ଼ୱାଲ ଓ ଅନୁପ ଜାଲୋଟା

**ଭଦ୍ରକ,୧୬।୧(ସମିସ):** ସୁନାମଧନ୍ୟ ଗାୟିକା ତଥା ଭଜନ ସାମ୍ରାଜ୍ଞୀ ଅନୁରାଧା ପୋଡୱାଲ ଓ ଗାୟକ ତଥା ଭଜନ ସମ୍ରାଟ ଅନୁପ ଜାଲୋଟା ବୁଧବାର ଭଦ୍ରକ ଗସ୍ତରେ ଆସୁଛନ୍ତି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲାଗି ଭଦ୍ରକ ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ବେନ୍ତାଳ ପଞ୍ଚାୟତର କେଶପୁର ଠାରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ଅନୁପ ଜାଲୋଟା ଯୋଗ ଦେଉଥିବା ନେଇ ନିଜେ ଭିଡିଓ ବାର୍ତ୍ତା ଜରିଆରେ ଜଣାଇଛନ୍ତି ଅନୁପ । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟର ବହୁ ସୁନାମଧନ୍ୟ ଗାୟକ, ଗାୟିକା ମଧ୍ୟ ଯୋଗ ଦେଉଥିବା ଜଣାଯାଇଛି । ସେହିଭଳି ପୌରାଞ୍ଚଳ ସ୍ତରୀୟ କାର୍ଯ୍ୟକ୍ରମ ଭଦ୍ରକ କଲେଜ ପଡିଆରେ ଅନୁଷ୍ଠିତ ହେବ । ଏଥିରେ ଅନୁରାଧା ପୌଡୱାଲ ଯୋଗ ଦେବେ ବୋଲି ଘୋଷଣା କରାଯାଇଛି । ଏହି ଦୁଇଟି କାର୍ଯ୍ୟକ୍ରମ ପାଇଁ ସାଧାରଣରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି ।

## ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା

**ଭଦ୍ରକ,୧୬ ।୧(ସମିସ):** ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଘାଟନ ପର୍ବ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ନିତ୍ୟାନନ୍ଦ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭଦ୍ରକ ଜିଲ୍ଲାର ଓଡ଼ିଆ ଭାଷା ସାହିତ୍ୟର ଉପାଧ୍ୟକ୍ଷ ତଥା ଫେଲୋସିପ୍ ସଭାପତି ସେକ୍ ମହମ୍ମଦ୍ ଫାରୁକ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଏବଂ ମୁଖ୍ୟ ବକ୍ତା ଭାବେ ଚରମ୍ପା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଭାତ ନଳିନୀ ମହାପାତ୍ର ଯୋଗଦେଇ ଓଡ଼ିଆ ଭାଷାର ମହତ୍ୱ ଓ ଓଡ଼ିଆ ଭାଷା ସାହିତ୍ୟର ପରିପ୍ରଚାର ଓ ଜଗନ୍ନାଥ ଚେତନାରେ ଓଡ଼ିଆ ଭାଷାର ଭିତ୍ତିଭୂମି ଉପରେ ଆଲୋକପାତ କରିଥିଲେ । ସଭା ପ୍ରାରମ୍ଭରେ ଆଦିକନ୍ଦ ପଣ୍ଡା ବେଦପାଠ କରିଥିବା ବେଳେ ଛାତ୍ରଛାତ୍ରୀ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଅକ୍ଷୟ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୋଡ଼ାଲ ଅଫିସର ଶୁକଦେବ ପଣ୍ଡା ସଭାର ଆଭିମୁଖ୍ୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଛାତ୍ରଛାତ୍ରୀ କବିତା ପାଠ ଓ ଓଡ଼ିଆ ଭଜନ ଗାନ କରିଥିଲେ । ଉକ୍ତ ସଭାରେ ମଞ୍ଜୁଲତା ମହାପାତ୍ର, ରଘୁନାଥ ନାୟକ, ଗୌରାଙ୍ଗ ଦାସ ପ୍ରମୁଖ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ ।

## ଆର୍ଯ୍ୟସୃଷ୍ଟିଙ୍କୁ ମିଳିଲା ୨ ଟି ପଦକ



**ମଞ୍ଜୁରୀରୋଡ,୧୬ ।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ଗ୍ରାମପଞ୍ଚାୟତ କୁଲଣା ଗ୍ରାମ ନିବାସୀ ଶ୍ରୀକାନ୍ତ ପଟ୍ଟନାୟକଙ୍କ ଝିଅ ଆର୍ଯ୍ୟସୃଷ୍ଟିଙ୍କୁ କରାଟେ ପ୍ରତିଯୋଗିତାରେ ୨ଟି ପଦକ ମିଳିଛି । ଆର୍ଯ୍ୟସୃଷ୍ଟି ଗତ ୧୪ ତାରିଖରେ ଯାଜପୁର ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ ଭାଗନେଇଥିଲେ । ସେ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରି କୃତିତ୍ୱ ହାସଲ କରିଥିବା ବେଳେ ତାଙ୍କୁ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଛି । ଗୁରୁ ମନୋରଞ୍ଜନ ଭଞ୍ଜ ଓ ଆହୁଲା ଜଟାଧାରୀଙ୍କ ତତ୍ତ୍ୱାବଧାନରେ ସେ ତାଲିମ ନେଉଥିଲେ ।

## ବାସୁଦେବପୁର ଘରୋଇ ଅମୀନ ସଂଘ ଗଠିତ

**ବାସୁଦେବପୁର,୧୬ ।୧(ସମିସ):** ବାସୁଦେବପୁର ବ୍ଲକ ସ୍ତରୀୟ ଘରୋଇ ଅମୀନ ସଂଘ ଗଠିତ ହୋଇଯାଇଛି । ସ୍ଥାନୀୟ ପୌରପାଳିକାର ମହିଁଷାପଦା ସ୍ଥିତ ସଭାଗୃହ ମଧ୍ୟରେ ଅନୁଷ୍ଠିତ ଏକ କାର୍ଯ୍ୟକାରୀଣି ବୈଠକରେ ସଂଘର ସଭାପତି ଭାବେ ଆଦିକନ୍ଦ ନାୟକ, ଉପ ସଭାପତି ଗୌତମ କୁମାର ଦେ ଓ ସୁବାସ ଚନ୍ଦ୍ର ବେହେରା, ସମ୍ପାଦକ ରବି ନାରାୟଣ ଦାସ, ସହ ସମ୍ପାଦକ ପ୍ରତାପ କୁମାର ମହାନ୍ତି, ସଂଗଠନ ସମ୍ପାଦକ ଭାବେ ସର୍ବେଶ୍ୱର ବେହେରା ପ୍ରମୁଖଙ୍କ ସମେତ କାର୍ଯ୍ୟକାରୀ କମିଟିର ବରିଷ୍ଠ ସଦସ୍ୟ ଭାବେ କୌସ୍ତୁରୀ ବେହେରା, ଲକ୍ଷ୍ମୀକାନ୍ତ ନାଥ, ଉମେଶ ଚନ୍ଦ୍ର ବାରିକ, ପଞ୍ଚାନନ ମହାନ୍ତି, ସୁରଥ ମହାରଣା, ଉମାକାନ୍ତ ପାଢୀ, ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ବିମଳ ସାମଲ ପ୍ରମୁଖଙ୍କୁ ମନୋନୀତ କରାଯାଇଛି ।

## ଯଶୋଟିକିରି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ଭଣ୍ଡାରିପୋଖରୀ,୧୬।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକର ନେରଡା ପଞ୍ଚାୟତ ଯଶୋଟିକିରି ବୈତରଣୀ ନଦୀକୂଳ ପଡିଆରେ ଅନୁଷ୍ଠିତ ୨୭ତମ ମହାବୀର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ଜଗତ୍‌ସିଂହପୁର ମାଷ୍ଟର ୧୧ ଦଳ ଓ ଭଦ୍ରକ ୟୁନିକ୍ ଏକାଡେମୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୟୁନିକ୍ ଏକାଡେମୀ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୯ ୱିକେଟ ହରାଇ ୨୦୨ ରନ ସ୍କୋର କରିଥିଲା । ବ୍ୟାଟ୍ସମ୍ୟାନ କ୍ଷମାସାଗର ବଳ ୪୮ ରନ ଓ ମଳୟ ସାହୁ ୪୩ ରନ ହାସଲ କରିଥିଲେ ।



ଜବାବରେ ମାଷ୍ଟର ୧୧ଦଳ ୨୧.୫ ଓଭରରେ ସମସ୍ତ ୱିକେଟ ହରାଇ ୧୪୮ କରି ଶୋଚନୀୟ ଭାବେ ପରାଜିତ ହୋଇଥିଲା । ଏହି ଦଳର ବ୍ୟାଟ୍ସମ୍ୟାନ ମହମ୍ମଦ ସୋହେଲ ଖାଁ ୭୯ ରନ ସ୍କୋର କରିଥିଲେ । ପ୍ରତିପକ୍ଷ ବୋଲର କ୍ଷମାସାଗର ବଳ ୪ ଓଭର ବୋଲିଂ କରି ୯ ରନ ବିନିମୟରେ ୪ ଉଇକେଟ ହାସଲ କରିଥିଲେ । ୟୁନିକ୍ ଏକାଡେମୀ ୫୫ ରନରେ ବିଜୟ ହାସଲ କରିଥିଲା । କ୍ଷମାସାଗର ବଳ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ରଞ୍ଜନ ମହାନ୍ତି ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥବା ବେଳେ ପ୍ରଭୁକଲ୍ୟାଣ ସାମଲ ଓ ବୃନ୍ଦାବନ ନାୟକ ସ୍କୋରର, ଶେଖ ଇମ୍ରାନ ଓ ଜ୍ଞାନରଞ୍ଜନ ଘଡେଇ ଧାରାବିବରଣୀ ପ୍ରଦାନ କରିଥିଲେ । ମାନସ କୁମାର ପଣ୍ଡା ମ୍ୟାଚ ରେଫରୀ ଦାଇତ୍ୱ ତୁଲାଇଥିଲେ ।

### ● ଏଚ୍‌ଏମ୍‌ଏମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ତ୍ରିଶକ୍ତି କ୍ଲବକୁ ହରାଇ ରୟାଲ ଷ୍ଟାର ଚାମ୍ପିଅନ



**ତିହିଡ଼ି,୧୬।୧(ସମିସ):** ତିହିଡି ବ୍ଲକ ଅନ୍ତର୍ଗତ ଅଚକ ପଞ୍ଚାୟତ ବାଲିପାଳ ଏଚ୍‌ଏମ୍‌ଏମ୍ କ୍ଲବ ପକ୍ଷରୁ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇ ଯାଇଛି । ଫାଇନାଲ ମ୍ୟାଚରେ ରୟାଲ ଷ୍ଟାର ଓରଡ଼ା, ତ୍ରିଶକ୍ତି କ୍ଲବ ବ୍ରହ୍ମନଗରକୁ ୯୭ ରନରେ ହରାଇ ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ପ୍ରଥମେ ବ୍ୟାଟିଂ କରି ରୟାଲ ଷ୍ଟାର ଓରଡା ୨୨୬ ରନ କରିଥିବା ବେଳେ ତ୍ରିଶକ୍ତି କ୍ଲବ ୧୨୯ ରନ୍ କରିବାକୁ ସକ୍ଷମ ହୋଇଥିଲା । ସୟଦ ମୁନତାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଚକ ପଞ୍ଚାୟତର କ୍ରିକେଟପ୍ରେମୀ ସୂର୍ଯ୍ୟନାରାୟଣ ଭୋଇ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଆଲୋକ ବିକାଶ ପ୍ରିୟଦର୍ଶୀ, ସମ୍ମାନିତ ଅତିଥି ଭାବେ କାଳନ୍ଦି ମୁଦୁଲି, ଗଣେଶ ଚନ୍ଦ୍ର ବେହେରା, ଉମାକାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସୟଦ ଆନୁଆର, ସୟଦ ଇସମାଇଲ, ସୟଦ ହାଫିଜ, ସୟଦ ଗୋଲାମ ମୁସ୍ତାଫା, ବିକି ଖାନ୍ନ, ସୟଦ ଆଲାମ, ସୟଦ ଜେହେରୁଦ୍ଦିନ, ସୟଦ ସାହାଜାନ, ସେକ ଅଜ୍ଜୁ, ସୟଦ ବାଦଲ, ସୟଦ ରିଜୁଆନ, ସୟଦ ରଫିକ, ସୟଦ ସମୀର ସୟଦ ଦିପୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଅଖିଳ ଭାରତୀୟ ଦୁଃଖୀ ସମାଜର ପ୍ରସ୍ତୁତି ବୈଠକ

**ଭଦ୍ରକ,୧୬ ।୧(ସମିସ):** ଭଦ୍ରକର ସୁପ୍ରସିଦ୍ଧ ସାନ ସରକାର ବାବା ସୈୟଦ ୱସିମ ଅଖତର କାଦରୀ ଓରଫ (ମାମାଜାନ)ଙ୍କ ଜନ୍ମଦିନ ପାଳନ ଅବସରରେ ଭଦ୍ରକ ଅଖିଳ ଭାରତୀୟ ଦୁଃଖି ସମାଜ ଆନୁକୂଲ୍ୟରେ ପୁରୁଣାବଜାରସ୍ଥିତ ରକ୍ତଦାନ କାର୍ଯ୍ୟାଳୟ ପରିସରରେ କମିଟିର ସଭାପତି ହାଜି ଇଂ. ମନାୱର ହୋସେନଙ୍କ ସଭାପତିତ୍ୱ ଓ ସଂପାଦକ ଇଂ. ରେଜା-ଏ-ରସୁଲଙ୍କ ସଂଯୋଜନାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଇପାସ ରୋଡ଼ସ୍ଥିତ ଗୁଲସନେ ନସିମ, ସରକାର ନଗର (ଖାନକାହ) ପରିସର ସହିତ ଗତ ୩ ବର୍ଷ ଧରି ବାଲେଶ୍ୱର ସ୍ଥିତ କଦମରସୁଲ ମଇଦାନଠାରେ ଗତ ୨ ବର୍ଷ ଧରି ସୋରୋ ସ୍ଥିତ ଟାଉନ ହଲଠାରେ ଅନୁଷ୍ଠିତ ହୋଇ ଆସୁଥିଲା । ଭଦ୍ରକ ସହିତ ଏହି ଦୁଇ ଶାଖାରେ ମଧ୍ୟ ହେଉଥିଲା । ଏଥର ପୁଣି ଅବଶିଷ୍ଟ ନୂଆ ୨ଗୋଟି ଶାଖା ଜଳେଶ୍ୱର ସ୍ଥିତ ସରକାରନଗର, ଝାଡ଼େଶ୍ୱରପୁର ଓ ବାରିପଦା ସ୍ଥିତ ସୁନଗଡ଼ିଆକୁ ମିଶାଇ ସର୍ବମୋଟ ୫ଗୋଟି ସ୍ଥାନରେ ଆସନ୍ତା ୨୪ ତାରିଖ ସକାଳ ୯ଘଟିକାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ଏବଂ ସେହିଦିନ ସକାଳ ୬ ଟାରୁ ସକାଳ ୮.୩୦ମିନିଟ ପର୍ଯ୍ୟନ୍ତ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ସବିର ଅଲି, ଇଂ.ହବିବୁଲ୍ଲା ଖାନ, ହାଜୀ ତବାରକ ଅଲୀ, ମତଲୁବ ଅଲୀ ଓ ଜମିଲ ଅଖତର ଖାନ, ଇଂ ମୁକ୍ତାର ଅହେମଦ ରସିଦ, ଅବୁ ହୋସେନ ଖାଁ, ସକିଲୁଜ ଜମା ଖାଁ, ଲିଓ ମାଷ୍ଟର, ମୁସ୍ତାକ ଗୌହର, ଶେଖ ହବିବୁଲ୍ଲା, ଜାୱେଦ ଅଖତର, ସେଖ ଅବୁ କଲାମ, ସେଖ ଅନୱର, ସେଖ ରାଜା, ମିର୍ଜା ଏଜାଜ ବେଗ, ତାଜୁ ଖାଁ ପ୍ରମୁଖଙ୍କ ସହ ପ୍ରତ୍ୟେକ ଗ୍ରାମର ରକ୍ତଦାନ ଶିବିରର ଗାଇଡମାନେ ଓ ଗାଁର ପ୍ରମୁଖ ମୁରବିମାନେ ଯୋଗଦାନ କରିଥିଲେ ।



## କଳା ସଂସ୍କୃତି ସଂଘ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର

**ଧାମନଗର,୧୬ ।୧(ସମିସ):** ବ୍ଲକକଳା ସଂସ୍କୃତି ସଂଘ ପକ୍ଷରୁ ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ତଥା ଧାମନଗର ବିଡିଓ ବନବିହାରି ଦିନ୍ଦା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ସଂଘର ଉପସଭାପତି ତଥା ଓଡିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନପ୍ରାପ୍ତ ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକ ସଭାପତିତ୍ୱ କରିଥିଲେ । ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ନିମିତ୍ତ ସୂଚନା, ବିଦ୍ୟା ଓ ଯୋଗାଯୋଗ ଉପକ୍ରମରେ ଧାମନଗର ବିକେଏସ୍‌ଏସ୍‌ର ତାଲିମ ଶିବିର ଅନୁଷ୍ଠିତ ହୋଇଛି । ପାଲା, ଦାସକାଠିଆ, ମୋଗଲତାମସା, ଘୋଡ଼ାନାଚ, ସଂକୀର୍ତ୍ତନ, ଢୋଲ ମହୁରୀ, ତେଲିଙ୍ଗି ବାଦ୍ୟ, ଖଞ୍ଜଣି ଭଜନ, ସମରକଳା ପ୍ରଭୃତି ଦଳର ମୁଖ୍ୟମାନେ ଏହି ଏକଦିବସୀୟ ଶିବିରରେ ଯୋଗଦାନ କରିଥିଲେ । ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀଙ୍କ ସହିତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟଜିତ ବେହେରା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ କଳାକାର ମାନଙ୍କୁ ଅବଗତ କରାଇଥିଲେ । ମୁଖ୍ୟ ପ୍ରଶିକ୍ଷକ ଭାବେ ଗୁରୁଶ୍ରୀ ସୁବାସ ମଲ୍ଲିକ ବିଭିନ୍ନ ଆର୍ଟଫର୍ମ ବିଷୟରେ ଗୀତମାଧ୍ୟମରେ ସୂଚନା ପ୍ରଦାନ କରିଥିଲେ । ଏହି କ୍ରମରେ ୫୫ଗୋଟି ଲୋକକଳା ଦଳ ଅଂଶଗ୍ରହଣ କରି ବେଦପାଠ କରିଥିଲେ । ଗାୟକ ଉମାକାନ୍ତ ହୋତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ






ତିହିଡ଼ି,୧୬ ।୧(ସମିସ)

ପ୍ରତ୍ୟେକ ଛାତ୍ରୀ ଆତ୍ମରକ୍ଷା କୌଶଳ ଜାଣିବା ଜରୁରି ବୋଲି ସ୍ଥାନୀୟ ପାଳିଆବିନ୍ଧା ସ୍ଥିତ ବିଏନଏମଏ ମହାବିଦ୍ୟାଳୟ ଉଚ୍ଚମାଧ୍ୟମିକ ଶ୍ରେଣୀର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଆୟୋଜିତ ୮ ଦିନିଆ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ଉଦଘାଟନ ଉତ୍ସବରେ ଅତିଥି ମତବ୍ୟକ୍ତ କରିଛନ୍ତି । ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ତପନ କୁମାର ନାୟକଙ୍କ ପୌରୋହିତ୍ୟରେ ଓ ଆତ୍ମରକ୍ଷା ଶିବିରର ସଂଯୋଜିକା ଅଧ୍ୟାପିକା ପ୍ରିୟଙ୍କା ସାହୁଙ୍କ ସଂଚାଳନାରେ ଅନୁଷ୍ଠିତ ଶିବିରରେ ପ୍ରାକ୍ତନ ସଂଯୋଜକ ଅଧ୍ୟାପକ ସରୋଜ କୁମାର ମହାପାତ୍ର, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ.ବିଶ୍ୱରଞ୍ଜନ ଦାସ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଶିବିରରେ ପ୍ରଦତ୍ତ ପ୍ରଶିକ୍ଷଣ କୌଶଳକୁ ଆୟତ୍ତ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସୁସ୍ମିତା ପଣ୍ଡା, ପଦ୍ମାଳୟା ଖଟୁଆ, ଜ୍ୟୋର୍ତିମୟୀ ପ୍ରଧାନ, ବୈଷ୍ଣବ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏଥିରେ ପ୍ରଶିକ୍ଷିକା ଭାବେ ମଧୁସ୍ମିତା ନାୟକ, ଜ୍ୟୋତିପ୍ରଭା ଜେନା ଓ ପ୍ରିୟଦର୍ଶିନୀ ନାୟକ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିକ୍ଷା ପ୍ରଦାନ କରିଥିଲେ । ଜ୍ୟୋସ୍ନାରାଣୀ ପାଣିଗ୍ରାହୀ, ପୂଜାଶ୍ରୀ ପାଲ୍, ଅଲିଭା ଦାସ, ଉର୍ବଶୀ ବେହେରା, ଲୀନା ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରି.ଳନା କରିଥିଲେ । ଆସନ୍ତା ୨୫ ତାରିଖରେ ଶିବିର ଉଦଯାପିତ ହେବ ।




**ଆଗରପଡ଼ା:** ଆଗରପଡ଼ା ମହାବିଦ୍ୟାଳୟ ପରିସରରେ ଯୁକ୍ତ ୨ ଛାତ୍ରୀମାନଙ୍କ ନିମିତ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ଦାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ବ୍ରଜମୋହନ ପତି ତାଲିମ ଶିବିରର ଲକ୍ଷ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ବିକାଶ ମହାପାତ୍ର, ମୁଖ୍ୟ ସହାୟକ ବିଜୟ ଦାସ, ଅଧ୍ୟାପକ ଡ. ହରିହର ଦାସ, ନାରାୟଣ ଚନ୍ଦ୍ର ପୁରୀ, ଅଧ୍ୟାପିକା ପ୍ରେମଲତା ଦାଶ ପ୍ରମୁଖ ଉକ୍ତ ତାଲିମ ଶିବିରର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ । ଅଧ୍ୟାପକ ପ୍ରଶାନ୍ତ ନାୟକ, ଅଧ୍ୟାପିକା ସଂଯୁକ୍ତା ଜେନାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସଭାଟିକୁ ସାଫଲ୍ୟ ମଣ୍ଡିତ କରାଇଥିଲେ । ସର୍ବଶେଷରେ +୨ ପ୍ରଥମ ବର୍ଷ କଳା ଛାତ୍ରୀ ପୂଜା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

**ଭଣ୍ଡାରିପୋଖରୀ:** ଭଣ୍ଡାରିପୋଖରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମ ସୁରକ୍ଷା ଶିବିର ଉଦଘାଟିତ ହୋଇଯାଇଛି । ଉଚ୍ଚମାଧ୍ୟମିକ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଓ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶବିରକୁ ଶିଶୁ ବିକାଶ ଅଧିକାରିଣୀ ନିର୍ଝରିଣୀ ରାଉତ ମୁଖ୍ୟଅତିଥି ଭାବେ ଉଦଘାଟନ କରିଥିଲେ । ମହିଳାମାନେ ଆଶୁ ବିପଦ ସମୟରେ ସାହସର ସହ ପ୍ରତିକ୍ରିୟା ପ୍ରକାଶ କରିପାରିଲେ ନିଜକୁ ସୁରକ୍ଷା ଦେଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଏହି ଶିବିରରେ ୮୩ ଜଣ ବାଳିକାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଅଧ୍ୟାପକ ଅନନ୍ତ କିଶୋର ମହାପାତ୍ର ଅତିଥି ପରିଚୟ, ଅଧ୍ୟାପକ ଆନନ୍ଦ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଓ ଅଧ୍ୟାପକ ହରିହର ସାହୁ ଧନ୍ୟବାଦ ଦେଇଥିଲେ ।

## ଖଣି ଅଞ୍ଚଳରେ ଟୁସୁ ପର୍ବ

# ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ବିସର୍ଜନ

କାଳିଆପାଣି, ୧୬।୧(ସମିସ)

ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ମହାନ୍ତ ସମ୍ପ୍ରଦାୟର ଟୁସୁ ପର୍ବ ପାଳିତ ହୋଇଯାଇଛି। ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ ମହାନ୍ତ ସମ୍ପ୍ରଦାୟର ଲୋକମାନେ ନିଜନିଜ ଅଞ୍ଚଳର ମଠ ମନ୍ଦିର ପାଖ ପୁଷ୍କରିଣି କିମ୍ବା ନଦୀ ଘାଟରେ ଟୁସୁ ଦେବୀଙ୍କୁ ପୂଜାର୍ଚ୍ଚାନା କରି ଜଳରେ ବିସର୍ଜନ କରିଥାନ୍ତି। ବିଶେଷକରି ଅବିବାହିତ ଝିଅମାନେ ଏହାକୁ ଅତି ନିଷ୍ଠାର ସହିତ ପାଳନ କରିଥାନ୍ତି। ମହାନ୍ତମାନଙ୍କ ଝିଅ ବୋହୂମାନେ ଟୁସୁ ଦେବୀଙ୍କୁ ସାଜସଜ୍ଜା କରି ଟୁସୁ ଗୀତ ଗାଇ ବନ୍ଦନା କରି ଏକ ଶୋଭାଯାତ୍ରା ମାଧ୍ୟମରେ ଭସାଣି ସ୍ଥଳକୁ ନେଇ ଜଳରେ ବିସର୍ଜନ କରି



ଘରକୁ ଫେରିଥାନ୍ତି। ଏହି କ୍ରମରେ ଖଣି ଅଞ୍ଚଳର ବଡକାଠିଆ ନିକଟସ୍ଥ ବ୍ରହ୍ମକୁଣ୍ଡ, ଚିଙ୍ଗୁଡ଼ିପାଳ ନିକଟସ୍ଥ ରଗଦାଡ୍ୟାମ, ଅନଳ ଗାଁର ତାରିଣୀ ଗିରିଙ୍ଗାମାଳୀଠାରେ ଟୁସୁପର୍ବ ହୋଇଯାଇଛି। ଏହି ସ୍ଥାନଗୁଡିକରେ ହଜାର ମହିଳା ପୁରୁଷ ଏକତ୍ରିତ ଝୁମର ନାଚଗୀତରେ ମସଗୁଲ ହୋଇଥିଲେ। ରଗଦା ଡ୍ୟାମରେ ଟୁସୁ ପର୍ବରେ ସୁକିନ୍ଦା ବିଧାୟକ ଙ୍ଗ ପ୍ରୀତିରଞ୍ଜନ ଘଡେଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ଏବଂ ହଜାର ହଜାର ଲୋକଙ୍କ ଗହଣରେ ଟୁସୁ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

## ସୁଙ୍ଗୁଡ଼ା ଗ୍ରାମପଞ୍ଚାୟତ

# ବିଜୁ ଜନତା ଦଳର ବନ୍ଧୁମିଳନ

ବଡଚଣା, ୧୬।୧(ସମିସ)




ବଡଚଣା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ସୁଙ୍ଗୁଡ଼ା ପଞ୍ଚାୟତର ବିଜେଡି କର୍ମୀ ମାନଙ୍କର ଏକ ବନ୍ଧୁ ମିଳନ ଟାଙ୍ଗରସ୍ଥିତ ଲକ୍ଷ୍ମୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁ ମିଳନରେ ବହୁ ସଂଖ୍ୟାରେ ବିଜେଡ଼ି କର୍ମୀ ଯଥା ମହିଳା, ଯୁବକ, ଛାତ୍ର, ଓ ବରିଷ୍ଠ ବିଜେଡି କର୍ମୀ ମାନେ ଉପସ୍ଥିତ ହୋଇଥିଲେ। ଏହି ଉତ୍ସବରେ ଏକ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ସୁଙ୍ଗୁଡ଼ା ପଞ୍ଚାୟତ ସଭାପତି ପ୍ରିୟବ୍ରତ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଜନସାଧାରଣଙ୍କ ପାଇଁ ବହୁ ପ୍ରକାର ଜନହିତକର କାର୍ଯ୍ୟ କରିଛନ୍ତି। ବିଧାୟକ ଅମର ପ୍ରସାଦ ଶତପଥି ବଡ଼ଚଣା ନିର୍ବାଚନ ମଣ୍ଡଳୀର ବହୁ ଜନହିତକର କାର୍ଯ୍ୟ କରୁଛନ୍ତି ବୋଲି ସଞ୍ଜୟ କୁମାର ସ୍ୱାଇଁ କହିଥିଲେ। ଏହି ପରିପ୍ରେକ୍ଷୀରେ ସୁଙ୍ଗୁଡ଼ା ଯୁବ ବିଜେଡ଼ି ସଗଠକ ସଞ୍ଜୟ କୁମାର ସ୍ୱାଇଁ, ଅତିଥି ଭାବେ ଧାନମଣ୍ଡଳ ସରପଞ୍ଚ ନବଦ୍ୱୀପ ନାୟକ, ପୂର୍ବତନ ସରପଞ୍ଚ ଚାଚାଲିନ ସ୍ୱାଇଁ, ପୂର୍ବତନ ନାଏବ ସରପଞ୍ଚ ମସିର ଆଲମ୍, ଯୁବନେତା ରିଆଜୁଦ୍ଦିନ ଖାଁ, ଜିତେନ୍ଦ୍ର ସ୍ୱାଇଁ, ମୁସ୍ତାକ ଅଲ୍ଲି ଖାଁ, ପ୍ରଶାନ୍ତ ଜେନା, ବିଜୟାନନ୍ଦ ବିଶ୍ୱାଳ, ନିରଞ୍ଜନ ଜେନା, ସୁନିଲ ଜେନା, ଟୁକୁନା ଜେନା, ଛବିନ୍ଦ୍ର ଜେନା, ମହମ୍ମଦ ଇମ୍ରାନ୍, ବିଜେଡ଼ି କାର୍ଯକାରୀ ସଭାପତି ପ୍ରକାଶ ରାଉତ, ୱାର୍ଡ ସଭ୍ୟ ବୈକୁଣ୍ଠ ସାହୁ, ତବ୍ରେଜ୍ ଖାଁ, ଘନଶ୍ୟାମ ବିଶ୍ୱାଳ, ୱାର୍ଡ ସଭ୍ୟା ମମତା ବିଶ୍ୱାଳ, ରଞ୍ଜନ ବାରିକ, ୱାକାତ୍ ଆକବର୍ ଆଫସର ଅଲ୍ଲୀ ଖାଁ, ଅବୁ ଜାଫର, ସକାୱାତ୍ ଆଲାମ, ସେକ ଜାହିରୁଦ୍ଦିନ, ଜବକ୍ଷର ଖାଁ, ରାକେଶ ବିଶ୍ୱାଳ, ପ୍ରଫୁଲ୍ଲ ଜେନା, ପ୍ରତାପ ବେହେରା, ଗୌରାଙ୍ଗ ବେହେରା, ପ୍ରତାପ ବେହେରା, ନରହରି ସ୍ୱାଇଁ, ନିରୋଧ ଜେନା, ପ୍ରମୁଖ ଯୋଗଦେଇ ସଂଗଠନକୁ ସୁଦୃଢ଼ କରିବାସହିତ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ।

# ଲୁଟେରାଙ୍କ ଚରାଭୂଇଁ ସୁକିନ୍ଦା; ଭୟରେ ଗ୍ରାମବାସୀ ଆତଙ୍କିତ

**ସୁକିନ୍ଦା, ୧୬ ।୧(ସମିସ):** ସୋମବାର ଦିନ ଦ୍ୱିପହରରେ ବିଜୟ ସାମଲଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଲୁଟ୍ ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ସୁକିନ୍ଦା ଗୋଲଖ ସାମଲଙ୍କ ପୁଅ ବିଜୟ ସାମଲ ଗତ କିଛି ମାସ ହେବ ହାଟ ପଛପଟେ ନୂଆ ଘରେ ବସବାସ କରୁଛନ୍ତି। ସୋମବାର ଦିନ ବାପାଙ୍କ ଶ୍ରାଦ୍ଧ ବାର୍ଷିକ ପାଇଁ ବିଜୟ ପରିବାର ସହ ଜଗନ୍ନାଥ ସାହିରେ ଥିବା ପୁରୁଣା ଘରକୁ ୩-୪ ଘଣ୍ଟା ପାଇଁ ଯାଇ ଫେରିବା ପରେ ଘର କବାଟ ଖୋଲାଥିବା ଦେଖିଥିଲେ। ଭିତରକୁ ଯିବାପରେ ଜିନିଷପତ୍ର ଇତସ୍ତତ ହୋଇ ପଡ଼ିଥିବା ଦେଖି ଚୋରି ହୋଇଥିବା ଜାଣିପାରିଥିଲା। ତାଙ୍କ ଘରୁ ସୁନା ଚେନ, ୭ଟି ସୁନା ଲକେଟ, ଦୁଇଟି ମୁଦି, ନଗଦ ୭ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ବିଜୟ ସୁକିନ୍ଦା ପୁଲିସକୁ ସୂଚନା ଦେବାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।ସୁକିନ୍ଦା ଥାନା ଅଞ୍ଚଳ ଏବେ ଲୁଟେରାଙ୍କ ନିରାପଦ ଅଞ୍ଚଳ ପାଲଟିଛି। ପ୍ରଥମେ ରାତିରେ ଲୁଟ୍ କରୁଥିଲେ।କିନ୍ତୁ ଏବେ ଦିନ ଦ୍ୱିପହର ସେମାନଙ୍କ ପାଇଁ ଉପଯୁକ୍ତ ସମୟ ପାଲଟିଥିବା ଦେଖିବାକୁ ମିଳିଛି। ଗତ କିଛି ମଧ୍ୟରେ ଲୁଟ୍ ଶତକ ପାର୍ କରିସାରିଥିବା ବେଳେ ଦିନକୁ ଦିନ ଏହା ଦ୍ରୁତ ଗତିରେ ବଢ଼ି ଚାଲିଛି।ଯାହା ସ୍ଥାନୀୟ ଜନସାଧାରଣଙ୍କ ଚିନ୍ତାର କାରଣ ହୋଇଛି।

# ବିରଜା ହାଟ ବ୍ୟବସାୟୀଙ୍କ ଥଇଥାନ ଦାବି

**ଯାଜପୁର, ୧୬ ।୧(ସମିସ):** ଯାଜପୁରର ବହୁ ପୁରାତନ ହାଟକୁ ମନ୍ଦିର ସମ୍ପ୍ରସାରଣ ପାଇଁ ସ୍ଥାନାନ୍ତରିତ କରାଯାଇଛି। କିନ୍ତୁ ଏହାକୁ ହାଟ ବ୍ୟବସାୟୀ ସଂଘ ତୀବ୍ର ବିରୋଧ କରିଛି। ହାଟ ସ୍ଥାନ ବଦଳିଲେ ପୂର୍ବଭଳି ବ୍ୟବସାୟ ନ ହେବା ସହ ଚିହ୍ନଟ ସ୍ଥାନଟି ହାଟ ପାଇଁ ଉପଯୁକ୍ତ ନୁହେଁ ବୋଲି ଦାବି କରି ବ୍ୟବସାୟୀ ମେଳି କରିଛନ୍ତି। ଯାହାକି ଆସନ୍ତା ଗୁରୁବାର ହେବାକୁ ଥିବା ହାଟକୁ ବର୍ଜନ କରାଯିବା ସହ ସମସ୍ତ ବ୍ୟବସାୟୀ ନିଜର ବିକ୍ରି ସ୍ଥାନରେ ଅଭିନବ ପ୍ରତିବାଦ କରିବାକୁ ଚେତାବନୀ ଦେଇଛନ୍ତି। ତେବେ ପ୍ରଶାସନ ଜୋର ଜବରଦସ୍ତ ବ୍ୟବସାୟୀଙ୍କୁ ଉଠି ଉଠିଯିବାକୁ ଧମକ ଦେଇଛି। ଏ ନେଇ ହାଟ ବ୍ୟବସାୟୀ ସଂଘର ସଭାପତି ଶରତ ସାହୁ କ୍ଷତିଗ୍ରସ୍ତଙ୍କୁ ପ୍ରଥମେ ଥଇଥାନ କର ଓ ପରେ ବିସ୍ଥାପିତ କରିବ ବୋଲି କହିଛନ୍ତି। ଏ ଅବସରରେ ରଘୁ ସାହୁ, ସଞ୍ଜୟ ସାହୁ, ସନ୍ତୋଷ ଦାଶ, ଅକ୍ଷୟ ଦାଶ, ଶରତ ସାହୁ, ହରିହର ସାହୁ, ଏସକେ ମନିରୁଦ୍ଦିନ, ବଟକୃଷ୍ଣ ନାୟକ, ସୁରେନ୍ଦ୍ର ବାରିକ, ଅକ୍ଷୟ ମହଲା, ବଳରାମ ସେନାପତି, ସନ୍ତୋଷ ବେହେରା, କାଳନ୍ଦୀ ସେନାପତି, ଉମାକାନ୍ତ ସାହୁ, ସୁବାଷ ସାହୁ, ଅନ୍ତ ସାହୁ, ଧନଞ୍ଜୟ ପୃଷ୍ଟି ପ୍ରମୁଖଙ୍କ ସହ ଶହଶହ ବ୍ୟବସାୟୀ ଓ କମର୍ଚାରୀ ସାମିଲ ହୋଇଥିଲେ।

# ଓଡ଼ିଶା ମାନବ ଅଧିକାର ମଞ୍ଚର ବୈଠକ

**ବଡଚଣା ୧୬ ।୧(ସମିସ):** ଆଜି ବଡ଼ଚଣାସ୍ଥିତ ଖଇରା ହାଟପଡ଼ିଆ ଠାରେ ବଡ଼ଚଣା ବ୍ଲକ ସ୍ତରୀୟ ସମ୍ବିଧାନ ସୁରକ୍ଷା ଅଭିଯାନର ଏକ ବୈଠକ ଓଡ଼ିଶା ମାନବ ଅଧିକାର ମଞ୍ଚ ବ୍ଲକ ସଭାପତି ରାହାସ ବିହାରି ଜେନାଙ୍କ ସଭାତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କର ଗରିବମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଗୁଡିକୁ ତୃଣ ମୂଳ ସ୍ତରରେ ପହଞ୍ଚାଇ ସେମାନଙ୍କୁ ଆର୍ôଥକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ଆସୁଥିବା ଯୋଜନା ଗୁଡ଼ିକୁ ସେମାନଙ୍କ ନିକଟରେ ପହଞ୍ଚା।ଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଆଲୋଚନାରେ ରାଜ୍ୟ ସଭାପତି ମାଗୁଣି ଜେନା, ଉପସଭାପତି ଶିରିଶ ମଲ୍ଲିକ, ସାମ୍ବାଦିକ ନାରାୟଣ ମଲ୍ଲିକ ଯୋଗ ଦେଇ ଉପସ୍ଥିତ ଲୋକ ଆଇନ୍ ଓ ସେମାନଙ୍କର ଅଧିକାର ସମ୍ପର୍କରେ ସଚେତନ କରିବା ସହିତ ସମ୍ବିଧାନର ମୁଖ ବନ୍ଧ ପଠନ କରିବା ସହିତ ସମ୍ବିଧାନ ସୁରକ୍ଷା ଯାତ୍ରାର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ବଡ଼ଚଣା ବ୍ଲକର ବହୁ ପୁରୁଷ ଓ ମହିଳା ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ବଡ଼ଚଣା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ବଡ଼ଚଣା, ୧୬ ।୧ (ସମିସ):** ବଡ଼ଚଣା ସାହିତ୍ୟ ସଂସଦର ୧୫ତମ ବାର୍ଷିକ ଉତ୍ସବ ବଡ଼ଚଣା ବଜାର ଦୁର୍ଗାମଣ୍ଡପଠାରେ ସଂସଦର ସଭାପତି ନରେନ୍ଦ୍ର ପ୍ରତାପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାହିତ୍ୟିକା ପ୍ରାଧ୍ୟାପିକା ଡଃ ପ୍ରତିଭା ମହାରଥୀ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ସମାଜକୁ ସଜାଡ଼ିବାରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଡଃ ମହାରଥୀ କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଓ ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ସଂସଦର ମୁଖପତ୍ର 'ପ୍ରଜ୍ଞାଶ୍ରୀ'କୁ ଅତିଥିମାନେ ଉନ୍ମୋଚନ କରିବା ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ କୃତି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଆୟୋଜିତ କବିତା ପାଠୋତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦିକା କବି ପ୍ରମିଳା ପ୍ରତାପ ବିବରଣୀ ପାଠ କରିଥିଲେ। ସଂସଦର ବରିଷ୍ଠ ସଦସ୍ୟ ଶିକ୍ଷୟିତ୍ରୀ ରଶ୍ମିତା ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ କବି ଭୋଳନାଥ ରାଉତ ଧନ୍ୟବାଦ ଦେଇଥିଲେ।



# 'ନୂଆ-ଓ' ଯାଜପୁର ପୌରପାଳିକା କ୍ରୀଡ଼ା ଉତ୍ସବ




ଯାଜପୁର, ୧୬ ।୧(ସମିସ)

ଯାଜପୁର ବ୍ଲକ ପଣସାସ୍ଥିତ ବିଏନ ହାଇସ୍କୁଲ ପରିସରରେ ଯାଜପୁର ପୌରପାଳିକାର 'ନୂଆ-ଓ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବରେ ଯାଜପୁର ପୌରପାଳିକାର କ୍ରିକେଟ ଟିମ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମି ଫାଇନାଲ ୯ ନମ୍ବର ୱାର୍ଡ଼ ଓ ୩ ନମ୍ବର ୱାର୍ଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ୩ ନମ୍ବର ୱାର୍ଡ଼ ବିଜୟ ଲାଭ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ୧ ନମ୍ବର ୱାର୍ଡ଼ ଓ ୧୦ ନମ୍ବର ୱାର୍ଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ୧ନମ୍ବର ୱାର୍ଡ଼ ବିଜୟ ଲାଭ କରିଥିଲା।

ଫାଇନାଲ୍ ମ୍ୟାଚ୍ ୧ନମ୍ବର ୱାର୍ଡ଼ ଓ ୩ନମ୍ବର ୱାର୍ଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ୩ ନମ୍ବର ୱାର୍ଡ଼ ବିଜୟ ଲାଭ କରିଥିଲା। ଏହି କ୍ରୀଡ଼ା ଉତ୍ସବରେ ଯାଜପୁର ପୌରପାଳିକା ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି ସତ୍ୟପ୍ରକାଶ ଦାସ, ନଗର ସଭାପତି ମନୋଜ ସାହୁ, ତୁଷାର ରଞ୍ଜନ ବେହେରା, କାଉନସିଲର ଶୁଭାଶିଷ ରାଉତ, ଏସକେ ମୁର୍ତାଜା, ଯୁବ ଆଇନଜୀବୀ ପାର୍ଥସାରଥି ରାୟ, ଅକ୍ଷୟ ସାହୁ, ହିରଣମୟ ମହାପାତ୍ର, ଶିବାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

# ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ସଭ୍ୟାଙ୍କ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ

**ଯାଜପୁର, ୧୬।୧(ସମିସ):** ଯାଜପୁର ଜିଲ୍ଲା ଦାୟିତ୍ୱରେ ଥିବା ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ସଭ୍ୟା ସଂଯୁକ୍ତା ମହାନ୍ତି ଯାଜପୁର ପୌରାଞ୍ଚଳର ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରକୁ ଅଚାନକ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ ମାନ ଯାଞ୍ଚ କରିବା ସହ ଖାଦ୍ୟ ସୁରକ୍ଷା ଯୋଜନାର ସଫଳ ରୂପାୟନ ସମ୍ପର୍କରେ ତଦାରଖ କରିଥିଲେ। ଯାଜପୁର ପୌରାଞ୍ଚଳ ଅଧିନରେ ଥିବା ବେପାରୀ ବରହମପୁର ଅଙ୍ଗନୱାର୍ଡି କେନ୍ଦ୍ର, ସନ୍ଥମାଧବ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର, ଜୟଦୁର୍ଗା ଉ.ପ୍ରା ବିଦ୍ୟାଳୟ, ଗରିଆପୁର ଉନ୍ନିତ ପ୍ରାଥମିକ ବିଦ୍ୟାଳୟ ଆଦି ଗସ୍ତକରି ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରାଯାଉଥିବା ଭୋଜନ ତଦାରଖ କରିଥିଲେ। ଏହା ବ୍ୟତିତ ବିଭିନ୍ନ ସରକାରୀ ବିକ୍ରୟ କେନ୍ଦ୍ର ବୁଲି ତଦାରଖ କରିବା ସହିତ ଖାଦ୍ୟ ସୁରକ୍ଷା ଓ ଖାଉଟି କଲ୍ୟାଣ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଉଚିତ ପରାମର୍ଶ ପ୍ରଦାନ କରିଥିଲେ। ଏନେଇ ସେ ରାଜ୍ୟ ସରକାରଙ୍କୁ ରିପୋର୍ଟ କରିଥିବା ଜଣାପଡ଼ିଛି।



## ସୁନ୍ଦରିଆ ପ୍ରିମିୟର ଲିଗ୍ କ୍ରିକେଟ୍

# ଧର୍ମଶାଳା ଇଲେଭେନ୍ ଚାମ୍ପିଅନ୍

**ଧର୍ମଶାଳା, ୧୬।୧(ସମିସ):** ଧର୍ମଶାଳା ବ୍ଲକ ସୁନ୍ଦରିଆ ନିଉ ଲାଇଫ କ୍ଲବ ପକ୍ଷରୁ ଚାଲିଥିବା ୧୯ତମ ସୁନ୍ଦରିଆ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଚଳିତଥର ଧର୍ମଶାଳା ଇଲେଭେନ୍ ଜାରକାକୁ ୧ ରନରେ ହରାଇ ଚାମ୍ପିଅନ ହୋଇଛି। ଧର୍ମଶାଳା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୨୬୬ ରନ କରିଥିଲା। ବିପିନ୍ ନାୟକ ସର୍ବାଧିକ ୯୨ ରନ କରିଥିଲେ। ଜାରକାର ଅଙ୍କିତ ୩ଟି ୱିକେଟ ନେଇଥିଲେ। ଜବାବରେ ଜାରକା ୨୦ ଓଭରରେ ସମସ୍ତ ୱିକେଟ ହରାଇ ୨୬୫ ରନ କରି ମାତ୍ର ଗୋଟିଏ ରନରେ ମ୍ୟାଚ୍ ହାରି ଯାଇଥିଲା। ଦଳ ପକ୍ଷରୁ ଭିକୁ ବ୍ୟକ୍ତିଗତ ୫୪ ରନ କରିଥିଲେ। ଧର୍ମଶାଳାର ସାଗର ନାୟକ ୪ଟି ୱିକେଟ ନେଇଥିଲେ। ବିପିନ୍ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ମୃତ୍ୟୁଞ୍ଜୟ ନାୟକ ଓ ଗୋକୁଳାନନ୍ଦ ମହାପାତ୍ର ଖେଳ ପରିଚାଳନା କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିରନ ରାଉତ, ସରପଞ୍ଚ ନିର୍ମଳ ଦାସ, ଯୁବ ସଂଗଠକ ହେମନ୍ତ ଜେନା, ସିନେ ଅଭିନେତ୍ରୀ ରୋମଳି ମହାନ୍ତି, ତାମସା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଉଭୟ ଦଳ ସିଲ୍ଡ କପ୍ ଗ୍ରହଣ କରିଥିଲେ।



# କାର୍-ଟ୍ରେଲର୍ ଧକ୍କା; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ପାଣିକୋଇଲି, ୧୬।୧(ସମିସ)

ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଆଲିଆଠାରେ ଆଜି ସକାଳେ ଏକ କାରକୁ ଟ୍ରେଲର ଧକ୍କା ଦେବା ଫଳରେ କାର୍‌ଟି କ୍ଷତିଗ୍ରସ୍ତ ହେବା ସହ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ପ୍ରକାଶଯେ କେଉଁଝର କବତ୍ରାରୁ ଏକ କାର୍ (ଓଡ଼ି୦୯ ୦୯୧୬୬) ଯୋଗେ ଗଣେଶ୍ୱର ସାହୁଙ୍କ ପରିବାର ଭୁବେନେଶ୍ୱେରର ଏକ ଘରୋଇ ହସ୍ପିଟାଲକୁ ଯାଉଥିବା ବେଳେ ଆଲିଆଛକ ନିକଟରେ ଏକ ଟ୍ରେଲର ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ଗାଡିଟି ବୁଲିଯିବାରୁ ଆଗ ମାଡ ହୋଇଥିଲା। ଦୁର୍ଘଟଣା ପରେ ଟ୍ରେଲରଟି ଫେରାର ହୋଇଯାଇଥିବା ବେଳେ ଖବର ପାଇ ପାଣିକୋଇଲିଠାରେ ତାକୁ ଅଟକା ଯାଇଥିଲା। ମାତ୍ର ଚାଳକ ଫେରାର ହୋଇଯାଇଛି। ଉଭୟ ଗାଡିକୁ ପାଣିକୋଇଲି ପୁଲିସ ଜବତ କରିବା ପରେ କୋରେଇ ଥାନାକୁ ହସ୍ତାନ୍ତର କରିବା ସହ କାରରେ ଥିବା ଯାତ୍ରୀଙ୍କୁ ଅନ୍ୟ ଏକ କାର୍‌ରେ ଭୁବନେଶ୍ୱର ପଠାଇଛି। ପ୍ରକଶେ ଯେ, ଟ୍ରେଲର (ଏନ୍‌ଏଲ୍‌୦୧ଏ-ବି ୯୯୩୬) ଯାଜପୁରରୋଡ ପଟୁ ଆସୁଥିବା ବେଳେ ଏକ କାରକୁ ଧକ୍‌କା ଦେଇଥିଲା। ଫଳରେ କାରଟି କ୍ଷତିଗ୍ରସ୍ଥ ହୋଇଥିଲା ଖବର ପାଇ ପାଇକୋଇଲି ରାଜପଥ ପୋଟ୍ରୋଲିଙ୍ଗ ଅଧିକାର ଅଶୋକ ବଳ ପହଞ୍ଚି ଉଭୟ ଗାଡିକୁ ଜବତ କରିବା ପରେ ପାଣଇକୋଇଲି ପୁଲିସକୁ ହସ୍ତାନ୍ତର କରିଥିଲେ।

# ଶିକ୍ଷକ ଅଭାବକୁ ନେଇ ସ୍କୁଲ୍ ଫାଟକରେ ତାଲା

ମଇଁନ୍ଦା, ୧୬।୧(ସମିସ)

ବିଞ୍ଝାରପୁର ବ୍ଲକ ଅରେଇ ଗ୍ରାମ ପଞ୍ଚାୟତ ଅଧିନରେ ଥିବା ନୀଳକଣ୍ଠ ନୋଡାଲ ବିଦ୍ୟାଳୟ ଫାଟକରେ ଅଭିଭାବକମାନେ ତାଲା ପକାଇ ଆଗରେ ବସି ରହିଥିଲେ। ସକାଳ ଆଠ ଘଟିକାଠାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଧାରଣାରେ ବସିଥିଲେ। ଦୁଇ ଜଣ ଶିକ୍ଷକ ବାହାରେ ବସିଥିଲେ। ଖବର ପାଇ ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ ଓ ଜିଲ୍ଲାପରିଷଦ ଶିକ୍ଷକ ସଂଘର ସଭାପତି କ୍ଷୀରୋଦ ମଲିକ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ବୁଝାସୁଝା କରି ବିଦ୍ୟାଳୟର ତାଲା ଖୋଲିଥିଲେ। ସୂଚନା ଥାଉକି, ଏହି ବିଦ୍ୟାଳୟରେ ମୋଟ ୬୫ ଜଣ ଛାତ୍ରଛାତ୍ରୀ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଛନ୍ତି। ଦୀର୍ଘଦିନ ହେବ ବିଦ୍ୟାଳୟକୁ ଶିକ୍ଷକ ଆବଶ୍ୟକ ଥିବା ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ହେଁ ଏଥିରେ କୌଣସି ସୁଫଳ ନ ମିଳିବାରୁ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ଶିକ୍ଷକ ଅଭାବ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣାଇବି ଓ ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।



## ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ପିତୃ ବିୟୋଗ

**ଯାଜପୁର,୧୬ ।୧(ସମିସ):** ଯାଜପୁର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋଙ୍କ ପିତା ବିଭୂତି ଭୂଷଣ ମହାନ୍ତିଙ୍କର କଟକ ସ୍ଥିତ ବାସ ଭବନରେ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ହୋଇଥଲା । ସ୍ୱର୍ଗତ ମହାନ୍ତି ଆହ୍ଲାବାଦ ବିଶ୍ୱ ବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତର ଡିଗ୍ରୀ ଶେଷକରି ୧୯୬୪ ମସିହାରେ ରାଇରଙ୍ଗପୁର ମହାବିଦ୍ୟାଳୟରେ ଅଧାପନା ଆରମ୍ଭ କରି ବିଭିନ୍ନ ସ୍ଥାନରେ ଅଧାପକ, ଅଧକ୍ଷ ଭାବେ କାର୍ଯ୍ୟ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ/ବୋହୂ, ଝିଅ/ଜ୍ୱାଇଁ ଓ ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

## ସମାଜସେବୀ ଅଶ୍ୱିନୀ ରାୟଙ୍କ ପରଲୋକ

**କୟାଁଗୋଲା, ୧୬ ।୧(ସମିସ):** ଦଶରଥପୁର ବ୍ଲକ୍‌ର ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ଅଶ୍ୱିନୀ କୁମାର ରାୟଙ୍କର ୭୮ ବର୍ଷ ବୟସରେ ମଙ୍ଗଳବାର ପରଲୋକ ଘଟିଛି । ଦୀର୍ଘଦିନ ଧରି ସେ ଅସୁସ୍ଥ ଥିଲେ। ବାଙ୍ଗାଲୋରସ୍ଥିତ ବାସଭବନରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି । ମଙ୍ଗଳପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରତିଷ୍ଠା କରିବା ସହ ଅଞ୍ଚଳର ଶିକ୍ଷାର ପ୍ରସାର ନିମନ୍ତେ ବହୁ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ। ଜଣେ ସ୍ନେହୀ, ମେଳାପୀ ଶିକ୍ଷକ ତଥା ଛାତ୍ରବତ୍ସଳ ମଣିଷଭାବେ ସେ ସମସ୍ତଙ୍କର ପ୍ରିୟ ଥିଲେ। ଜଳସମ୍ପଦ ବିଭାଗର ନିର୍ବାହୀ ଅଧିକାରୀଭାବେ ସରକାରୀ ଚାକିରୀରୁ ଅବସର ନେବାପରେ ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ଏଥିରେ ନିଜକୁ ହଜାଇ ଦେଇଥିଲେ। ତାଙ୍କ ମୃତ୍ୟୁ ଖବରପାଇ ସମଗ୍ର ମଙ୍ଗଳପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବିଜେପି ଜିଲ୍ଲା ସଭାପତି ଗୌତମ ରାୟ, ବିଜେଡ଼ି ଜିଲ୍ଲା ସଭାପତି ସରୋଜ କୁମାର ମହାପାତ୍ର, ମଙ୍ଗଳପୁର ସରପଞ୍ଚ ସସ୍ମିତା ଧଳ, ଥାଲକୁଡ଼ି ସରପଞ୍ଚ ଗୀତାଞ୍ଜଳୀ ସେଠୀ, ଯୁବନେତା ଶିଶିର କୁମାର ଧଳ, ଦୀପକ କୁମାର ବାରିକ, ମହେଶ୍ୱର ଜେନା, ପ୍ରମୋଦ ପଣ୍ଡା, ପୂର୍ବତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ବାରିକ, ଶୈଳେନ୍ଦ୍ର କୁମାର ନାୟକ, ପ୍ରଦୀପ ମହାପାତ୍ର, ରମାକାନ୍ତ ସାମଲ, ଅଭୟ କୁମାର ପଣ୍ଡା, ରମେଶ ଚନ୍ଦ୍ର ବେହୁରିଆ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି । ଏହି ଅବସରରେ ମଙ୍ଗଳପୁର ଶିଶୁ ମନ୍ଦିର ପରିସରରେ ଏକ ଶୋକସଭା ଆୟୋଜନ କରାଯାଇ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଥିଲା ।

# ଯାଜପୁର ବ୍ଲକସ୍ତରୀୟ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ



**ଯାଜପୁର ୧୬ ।୧(ସମିସ):** ଯାଜପୁର ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପରିସରରେ ଯାଜପୁର ବ୍ଲକସ୍ତରୀୟ 'ନୂଆ-ଓ' ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି । ଆଜି ଅପରାହ୍ନରେ ଅନୁଷ୍ଠିତ ଏହି ଉଦ୍‌ଯାପନି ଉତ୍ସବରେ ରାଜ୍ୟସଭା ସାଂସଦ ସୁଲତା ଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟସରକାରଙ୍କ ବିଭିନ୍ନ ସଫଳତା ସଂପର୍କରେ ସୂଚନା ଦେଇଥିଲେ। ରାଜ୍ୟରେ ଏବେ ରୁପାନ୍ତରଣ ଚାଲିଛି । ଯାଜପୁର ଜିଲାରେ ଯେଉଁଭଳି ପ୍ରଗତି ଚାଲିଛି ତାହା ସବୁଠାରୁ ବଡ ଉଦାହରଣ। ସ୍ଥାନୀୟ ବିଧାୟକ ତଥା ବିଜୁ ଜନତା ଦଳର ସାଂଗଠନିକ ସଂପାଦକଙ୍କ ଉଦ୍ୟମ ଫଳରେ ଯାଜପୁର ଜିଲ୍ଲା ଏବେ ରାଜ୍ୟର ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ ହୋଇପାରିଛି । ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧକ୍ଷ ଙ୍କ ଯୋଗୁଁ ଯାଜପୁର ବିକାଶର ଶିଖର ଛୁଇଁପାରିଛି । ଶିକ୍ଷା ସ୍ୱାସ୍ଥ୍ୟ ଓ ଗମନାଗମନ ଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ଯାଜପୁର ଜିଲା ଏବେ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି । ଆଗକୁ କ୍ରୀଡା କ୍ଷେତ୍ରରେ ଅଗ୍ରଗତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ଏକ ନୂଆ ଓ ଯୋଜନାର ପରିକଳ୍ପନା କରାଯାଇଛି ବୋଲି ଶ୍ରୀମତୀ ଦେଓ କହିଥିଲେ ।

ଅନ୍ୟତମ ଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ଯାଜପୁର ବ୍ଲକ ଅଧକ୍ଷ ସ୍ୱର୍ଣ୍ଣଲତା ପରିଡା ଏବଂ ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତି ଯୋଗ ଦେଇ ନୂଆ ଓ ଅଧିନରେ ହୋଇଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତା ପ୍ରତ୍ୟେକ ପଞ୍ଚାୟତ ସ୍ତରରେ କରାଯାଇଥିଲା । ଆଗାମୀ ଦିନରେ ଭଲ କ୍ରୀଡାବିତ ସୃଷ୍ଟି କରିବା ଲକ୍ଷ୍ୟରେ ଏହି ପ୍ରତିଯୋଗିତା କରାଯାଉଛି । ଯାଜପୁର ବିଧାୟକଙ୍କ ଉଦ୍ୟମରେ ବିଭିନ୍ନ ଷ୍ଟାଡିୟମ ଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଆଦି ନିର୍ମାଣ ହୋଇଛି । ଯାହାର ସୁଫଳ ଆଗାମୀ ଦିନରେ ମିଳିବ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଓଲିଉଡ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା ।

## ଦୁର୍ଘଟଣାରେ ଜଣେ ମୃତ

**କୋରେଇ,୧୬ ।୧ (ସମିସ):** କୋରେଇ ଥାନା ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥର ଲକ୍ଷ୍ମୀ ନଗର ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ମୃତକ ଜଣଙ୍କ ହେଲେ ଏହି ଥାନା ଅନ୍ତର୍ଗତ ତଳଗଡ ପଞ୍ଚାୟତର ଅଜଗପୁର ଗ୍ରାମର ଅନାଦି ମଳିକଙ୍କ ପୁଅ ରମେଶ ମଳିକ(୨୨) । ଆଜି ଦିନ ୧୨ଟା ସମୟରେ ରମେଶ, ଝୁପାଣ ଗ୍ରାମର ଜଣେ ପିଲା ଓ କେଉଁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଲହଙ୍ଗୀ ଗ୍ରାମର ୨ଜଣ ପିଲାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ରମେଶର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ଜଣ ଗୁରୁତର ଆହତ ହୋଇଛନ୍ତି । ତଳଗଡ ପଞ୍ଚାୟତର ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ ଆହତମାନଙ୍କୁ ଯାଜପୁର ରୋଡ ମେଡ଼ିକାଲକୁ ପଠାଇଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି । କୋରେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ ଦାନଗଦୀ ଡ଼ାକ୍ତରଖାନା ପଠାଇ ଥିବା ସୂଚନା ମିଳିଛି ।

## ଅମୃତ ଭାରତ ଏକ୍ସପ୍ରେସ ରହଣି ଦାବିରେ ରେଳରୋକ ଚେତାବନୀ



**ବ୍ୟାସନଗର,୧୬ ।୧(ସମିସ):** ଗତ ଡ଼ିସେମ୍ବର ୩୦ରେ ମାଲଦା ଟାଉନଠାରୁ ବେଙ୍ଗାଲୁରୁ ପର୍ଯ୍ୟନ୍ତ ଅମୃତ ଭାରତ ଏକ୍ସପ୍ରେସ ନାମରେ ଏକ ନୂତନ ଟ୍ରେନକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଥିବା ବେଳେ ଏହା ଯାଜପୁର ରୋଡ ରେଳଷ୍ଟେସନ ଦେଇ ଯାଉଥିଲେ ମଧ ଏଠାରେ ରହଣି ବ୍ୟବସ୍ଥା କରାଯାଇନାହିଁ । ଯାଜପୁର ରୋଡ ରେଳଷ୍ଟେସନ ଖୋର୍ଦ୍ଧା ଡିଭିଜନରେ ସର୍ବାଧିକ ରାଜସ୍ୱ ଦେଉଥିବା ବେଳେ ଏ ଷ୍ଟେସନକୁ ପୂର୍ବତଟ ରେଳ ବିଭାଗ ଅଣଦେଖା କରୁଥିବାରୁ ଏହାର ପ୍ରତିବାଦରେ ଜାନୁଆରୀ ୩ ତାରିଖରେ ଏକ ସାଧାରଣ ସଭା ଜରିଆରେ ରହଣି ଦାବିକରି ଦାବିପତ୍ର ଦିଆଯାଇଥିଲା । ଏଯାବତ ଏହାର ରହଣି ତ ଦୂରର କଥା ବହୁ ଟ୍ରେନ ଏହି ଷ୍ଟେସନ ଦେଇ ଯାଉଥିଲେ ମଧ ରହଣି ନକରିବା ରେଳ ବିଭାଗ ଓ ବିଜେପି. ସରକାରଙ୍କ ବୈମାତୃକ ମନୋଭାବ ବୋଲି ମିଳିତ ଗଣସଙ୍ଗଠନର ଆବାହକ ବିଦ୍ୟାଧର ମହାନ୍ତି ଦୃଢ ନିନ୍ଦା କରିଛନ୍ତି । ମଙ୍ଗଳବାର ପୁର୍ନବାର ଯାଜପୁର ରୋଡ ଷ୍ଟେସନ ମ୍ୟାନେଜରଙ୍କ ଜରିଆରେ ରେଳ ବିଭାଗ ଅଧକ୍ଷ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଏକ ପତ୍ର ମାଧମରେ ଜଣାଇ ଦିଆଯାଇଛି କି ଜାନୁଆରୀ ୨୬ ପୂର୍ବରୁ ଯଦି ଟ୍ରେନ ରହଣି ଘୋଷଣା କରାନଯାଏ ମିଳିତ ଗଣ ସଙ୍ଗଠନ ପକ୍ଷରୁ ୩୦ ଜାନୁଆରୀରେ ରେଳରୋକ କରାଯିବ ବୋଲି ଦାବିରେ ଉଲେଖ କରାଯାଇଛି । ଏହି ପ୍ରତିନିଧି ଦଳରେ ବିଦ୍ୟାଧର ମହାନ୍ତି, ବିବେକାନନ୍ଦ ମହାନ୍ତି, ଅଭିମନ୍ୟୁ ମିଶ୍ର, ଆଲୋକ ମହାନ୍ତି ,ପ୍ରଫୁଲ୍ଲ ନାୟକ ,ବିଦ୍ୟାଧର ଜେନା ,ସୁଧାଂଶୁ ଶେଖର ସାହୁ ପ୍ରମୁଖ ଦାବି କରଥିବା ଜଣାପଡିଛି ।

## ନାରାୟଣ ଚନ୍ଦ୍ର ପଟ୍ଟନାୟକଙ୍କୁ ଅଖିଳଚକ୍ର ସମ୍ମାନ



**କୟାଁଗୋଲା, ୧୬ ।୧(ସମିସ):** ଦଶରଥପୁର ବ୍ଲକ୍ ଅସନପୁର ପଞ୍ଚାୟତସ୍ଥ ଚଣ୍ଡୀପୁର ଗ୍ରାମର ଋତ୍ୱିକ ନାରାୟଣ ଚନ୍ଦ୍ର ପଟ୍ଟନାୟକଙ୍କୁ ତାଙ୍କର ଜୀବନବ୍ୟାପୀ ସତ୍ୟନିଷ୍ଠ ଆଧାତ୍ମିକ ସାଧନା ପାଇଁ ରାଜ୍ୟର ପ୍ରମୁଖ ସାରସ୍ୱତ ସଙ୍ଗଠନ ଅଖିଳଚକ୍ରର ମକର ମିଳନ ଉତ୍ସବରେ ଶ୍ରୀ ପଟ୍ଟନାୟକଙ୍କୁ ଅଖିଳଚକ୍ର ସମ୍ମାନ ପ୍ରଦାନ କରାଯାଇଛି । ଏହି ଅବସରରେ ସଙ୍ଗଠନ ପକ୍ଷରୁ ଆୟୋଜିତ ଉତ୍ସବରେ ଓଡ଼ିଶା ବିଧାନସଭାର ବାଚସ୍ପତି ପ୍ରମିଳା ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀ ପଟ୍ଟନାୟକଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିବା ସହ ଜଣେ ବରେଣ୍ୟ ପ୍ରତିଭାବାନ ଆଦର୍ଶ ସୁମଣିଷ ଭାବରେ ତାଙ୍କର ସୁନିରାମୟ ଜୀବନ କାମନା କରିଥିଲେ। ଶ୍ରୀଯୁକ୍ତ ପଟ୍ଟନାୟକ ରାଜସ୍ୱ ନିରୀକ୍ଷକ ତଥା ରାଜସ୍ୱ ସୁପର ଭାଇଜର ଭାବେ ସରକାରୀ ଚାକିରୀ କରି ନିଜ କାର୍ଯ୍ୟଦକ୍ଷତା ପାଇଁ ସମଗ୍ର ଜିଲ୍ଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କୁ ଏହି ସମ୍ମାନରେ ସମ୍ମାନୀତ କରାଯିବା ପରେ ରାଜ୍ୟର କୋଣ ଅନୁକୋଣରୁ ଶ୍ରୀ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଦିଆଯାଇଛି । ଦଶରଥପୁର ସତ୍‌ସଙ୍ଗ କେନ୍ଦ୍ର, ବିଞ୍ଝାରପୁର ସତ୍‌ସଙ୍ଗ ବିହାର, ଯାଜପୁର ସତ୍‌ସଙ୍ଗ ବିହାର, ପ୍ରୀତିପୁର ସତ୍‌ସଙ୍ଗ କେନ୍ଦ୍ର, ପୂର୍ବାଞ୍ଚଳ ସାହିତ୍ୟ ସାଂସ୍କୃତିକ ପରିଷଦ, ଆଦିନେତା ବିଚିତ୍ରାନନ୍ଦ ଆକାଶବାଣୀ ଶିଶୁ ସ୍ରୋତା ସମିତି, କଣ୍ଟାବଣିଆ, ସାବିତ୍ରୀ ଫାଉଣ୍ଡେସନ୍ ପ୍ରଭୃତି ଅନୁଷ୍ଠାନ ତଥା ସୁକିନ୍ଦା ଓ ଯାଜପୁର ରୋଡ଼ ଅଞ୍ଚଳର ବହୁ ସତ୍‌ସଙ୍ଗୀ ଅନୁଷ୍ଠାନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ୧୭ ଛାତ୍ରଛାତ୍ରୀଙ୍କୁ ଟାଟାଷ୍ଟିଲ୍ ପରିବାର ଶିକ୍ଷାବୃତି ପ୍ରଦାନ

### ୨୦୦୭ ପରଠାରୁ ପାଇଲେଣି ୨୧୬ ଛାତ୍ରଛାତ୍ରୀ



**ଦାନଗଦୀ,୧୬।୧(ସମିସ):** ଟାଟା ଷ୍ଟିଲ୍ କଳିଙ୍ଗନଗରର (ଟିଏସ୍‌କେ) ବିସ୍ଥାପିତ ପରିବାରର ୧୭ ଜଣ ଛାତ୍ରଛାତ୍ରୀଙ୍କୁ ଟାଟାଷ୍ଟିଲ୍ କଳିଙ୍ଗନଗରର କର୍ପୋରେଟ୍ ସର୍ଭିସେସ୍ ହଲ୍‌ରେ ମଙ୍ଗଳବାର ଦିନ 'ଟାଟାଷ୍ଟିଲ୍ ପରିବାର ଶିକ୍ଷାବୃତି ୨୦୨୩-୨୪' ପ୍ରଦାନ କରାଯାଇଛି । ଏହି ଅବସରରେ ଟିଏସ୍‌କେର କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ଦେବଦୂତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିୟନର ସଭାପତି ରବୀନ୍ଦ୍ର କୁମାର ଜାମୁଦା, ଗୋଷ୍ଠୀ ନେତା ବିରେନ ଜାମୁଦା ଓ ଡାବର ଆଙ୍ଗରାଇ ପ୍ରମୁଖ ଯୋଗ ଦେଇଥିଲେ। ଟିଏସ୍‌କେ ଓ ୟୁନିୟନ୍‌ର ଅନ୍ୟାନ୍ୟ ଅଧିକାରୀ, ସ୍ଥାନୀୟ ସମାଜର ନେତୃବୃନ୍ଦ ଓ ବିସ୍ଥାପିତ ଲୋକଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଅତିଥିମାନେ ଏହି ଛାତ୍ରବୃତି ପ୍ରଦାନ କରିଛନ୍ତି । ୨୦୨୩-୨୪ ପାଇଁ ୧୭ଟି ସ୍କଲାରସିପ୍ ମଧ୍ୟରୁ ୬ଜଣ ନୂଆ ଛାତ୍ରଛାତ୍ରୀଙ୍କୁ ଏହି ସ୍କଲାରସିପ୍ ମିଳିଛି । ୧୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ ଜଣ ଇଞ୍ଜିନିୟରିଂ ପଢୁଥିବା ବେଳେ ୧୪ ଜଣ ଛାତ୍ରଛାତ୍ରୀ ବିଭିନ୍ନ ଇଞ୍ଜିନିୟରିଂ ବିଭାଗରେ ଡିପ୍ଲୋମା ପାଠ୍ୟକ୍ରମ କରୁଛନ୍ତି । ଶିକ୍ଷାବୃତି ପାଇଁ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଦେବଦୂତ ମହାନ୍ତି କହିଛନ୍ତି ଯେ, ଟାଟା ଷ୍ଟିଲ୍ ଏହାର କାର୍ଯ୍ୟ କ୍ଷେତ୍ରର ପାରିପାର୍ଶ୍ୱିକ ଅଞ୍ଚଳର ଲୋକମାନଙ୍କ ବିକାଶ ପ୍ରତି ପ୍ରତିବଦ୍ଧ ରହିଛି ଏବଂ ଏହି ଶିକ୍ଷାବୃତି ହେଉଛି ସେହି ପ୍ରତିବଦ୍ଧତା ଦିଗରେ ଏକ ପଦକ୍ଷେପ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୦୭ ମସିହାରୁ ଟାଟା ଷ୍ଟିଲ ପରିବାର ସ୍କଲାରସିପ୍ ୨୦୨୩-୨୪ ବର୍ଷ ପାଇଁ ୧୭ ଜଣ ଛାତ୍ରଛାତ୍ରୀଙ୍କ ସମେତ ଥଇଥାନ ହୋଇଥିବା ପରିବାରର ୨୧୬ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାବୃତି ଦିଆଯାଇଛି । ଏଭଳି ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମର ଲାଭ ଉଠାଇ ନିଜ ପରିବାରର ଉନ୍ନତ ଭବିଷ୍ୟତ ପାଇଁ ଟାଟା ଷ୍ଟିଲ୍ ପକ୍ଷରୁ ଉତ୍ସାହିତ କରାଯାଉଛି ।

## ଶିକ୍ଷକ ରତନଲାଲ ଭୂୟାଁଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନ



**ବିଞ୍ଝାରପୁର,୧୬।୧(ସମିସ):** ବିଂଝାରପୁର ବ୍ଲକର ଶିକ୍ଷକ ତଥା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ବିଞ୍ଝାରପୁରର ସହସମ୍ପାଦକ ରତନଲାଲ ଭୂୟାଁଙ୍କୁ ଚଳିତ ବର୍ଷ ପ୍ରତିଷ୍ଠିତ ସାରସ୍ୱତ ଅନୁଷ୍ଠାନ ଅଖିଳଚକ୍ର ଆନୁକୂଲ୍ୟରେ ଅନୁଷ୍ଠିତ ମକର ମିଳନ ସମାରୋହରେ ଶିକ୍ଷକ ଗୋପାଳ ଚରଣ ସ୍ୱାଇଁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି । ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାମଞ୍ଚରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ବିଧାନସଭାର ବାଚସ୍ପତି. ପ୍ରମିଳା ମଲିକ ଯୋଗଦେଇ ଶିକ୍ଷକ ଶ୍ରୀ ଭୂୟାଁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମଞ୍ଚରେ ପ୍ରଫେସର ଡ.ଆଦିକନ୍ଦ ସାହୁ, କବି ପ୍ରାଧ୍ୟାପକ ଡ. ଶ୍ରୀହରି ଧଳ , ରବିନ୍ଦ୍ର କୁମାର ପରିଡା, ଶିକ୍ଷାବିତ୍ ଗୌରାଙ୍ଗ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଶ୍ରୀ ଭୂୟାଁଙ୍କୁ ସୁଶିକ୍ଷକ ଭାବରେ ସମ୍ମାନୀତ କରାଯିବାର ଖବର ପାଇବା ପରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ବିଞ୍ଝାରପୁର ବ୍ଲକର ସଭାପତି ରବିନାରାୟଣ ମହାନ୍ତି, ବିଶ୍ୱନାଥ ସାମଲ, ଓଷ୍ଟା ବିଞ୍ଝାରପୁର ର ସଭାପତି ଅଭୟ କୁମାର ପଣ୍ଡା, ସମ୍ପାଦକ ଭରତ ଚନ୍ଦ୍ର ନାୟକ, ରାଜେନ୍ଦ୍ର ପରିଡା ଅଧାପକ ପ୍ରଦୀପ୍ତ କୁମାର ଦାସ,ଶିଶିର କୁମାର ଜେନା,ଶିକ୍ଷୟିତ୍ରୀ ମିନର୍ଭା ନାୟକ, ରଘୁନାଥ ସେଠୀ, ବରଦା ପ୍ରସନ୍ନ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଶିକ୍ଷକ ରତନଲାଲ ଭୂୟାଁଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



